ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.199 Bhubaneswar Saturday, September 25, 2021 | ୨୪ତମ ବର୍ଷ ସଂଖ୍ୟା-୧୯୯ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଯୁକ୍ତରାଷ୍ଟ୍ର ଆମେରିକା ୱାଶିଂଟନ ଡି.ସି.ର ହ୍ୱାଇଟ୍ ହାଉସଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ରାଷ୍ଟ୍ରପତି ଜୋ ବିଡ଼େନଙ୍କ ସହ ଦ୍ୱିପାକ୍ଷୀକ ଆଲୋଚନା କରୁଛନ୍ତି

## ହାତୀ ଉଦ୍ଧାର ବେଳେ ଓଲଟିଲା ବୋଟ୍ , ଚାଲିଗଲେ ସାମ୍ବାଦିକ ଅରିନ୍ଦମ ଦାସ



ଭୁବନେଶ୍ୱର, ୨୪।୯(ପି.ଏନ): କଟକ ମୁଣ୍ଡଳି ବ୍ୟାରେଜଠାରେ ମହାନଦୀରେ ଫସି ରହିଥିବା ହାତୀ ଉଦ୍ଧାର କରିବାବେଳେ ଓଟିଭିର ଚିଫ୍ ରିପୋର୍ଟର ଅରିନ୍ଦମ ଦାସ ପ୍ରାଣ ହରାଇଛନ୍ତି। ତାଙ୍କ ସହିତ ଥିବା କ୍ୟାମେରାମ୍ୟାନ ପ୍ରଭାତ ସିହ୍ନା ଗୁରୁତର ଅଛନ୍ତି। ଉଦ୍ଧାର କରିବାକୁ ନଦୀକୁ ଓହ୍ଲାଇଥିବା ଓଡ୍ରାଫର ରବର ବୋଟରେ ଖବର ସଂଗ୍ରହ କରିବାକୁ ଅରିନ୍ଦମ ଯାଇଥିଲେ । ତାଙ୍କ ମୃତ୍ୟୁ ସମ୍ପର୍କରେ କଟକ ବଡ଼ ମେଡିକାଲର ଜରୁରୀକାଳୀନ ଅଧିକାରୀ ଡ.ଭୁବନାନନ୍ଦ ମହାରଣା ସ୍ପଷ୍ଟ କରିଛନ୍ତି । କ୍ୟାମେରାମ୍ୟାନ ପ୍ରଭାତ ଆଇସିୟୁରେ ଥିବା ସେ କହିଛନ୍ତି। ଅରିନ୍ଦମଙ୍କ ଅକାଳ ବିୟୋଗରେ ସାମ୍ବାଦିକତା ଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ପିସିସି ସଭାପତି ନିରଂଜନ ପଟ୍ଟନାୟକ , ବିଜେପି ସଭାପତି ସମୀର ମହାନ୍ତି , ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ବୋଟଟି ପାଣିର ପ୍ରଖର ସ୍ରୋତରେ ଖସିପଡ଼ିଥିଲା । ଫଳରେ ବୋଟରେ ଥିବା ଓଡ୍ରାଫ କର୍ମଚାରୀଙ୍କ ସହ ଅରିନ୍ଦମ ଓ ପ୍ରଭାତ ପାଣିରେ ଖସିପଡ଼ିଥିଲେ । ପରେ ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଯାଇଥିଲା । ସେଠାରେ ଅରିନ୍ଦମଙ୍କୁ ରିସିଭ୍ ଡେଡ୍ ଘୋଷଣା କରାଯାଇଥିଲା। ପ୍ରଭାତ ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତି କରାଯାଇଛି।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିନିକିଆ ଓଡିଶା ଗସ୍ତ ଆଜି

ଭୁବନେଶ୍ୱର, ୨୪।୯(ପି.ଏନ): ପିପିଲି ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର ପାଇଁ ଆସନ୍ତା କାଲି (ଶନିବାର)ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କାଲି ସକାଳେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୬ତମ ଜୟନ୍ତୀ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗ ଦେବା ପରେ ପିପିଲି ଅଭିମୁଖେ ଗସ୍ତ କରିବେ ।

## ବଙ୍ଗୋପସାଗରରେ ଲଘୁଚାପ, କାଲିଠୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୯(ପି.ଏନ): ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଏକ ଲଘୁଚାପରେ ପରିଣତ ହୋଇଛି ।ଏହି ଲଘୁଚାପ କ୍ଷେତ୍ର ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିଛି ଓ ଉତର-ପଶ୍ଚିମ ଦିଗରେ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୫ରୁ ୨୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶା, ପଶ୍ଚିମବଙ୍ଗ, ଉତର-ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ୨୫ ଓ ୨୬ ତାରିଖରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି ।ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ସେପ୍ଟେମ୍ବର ୨୫ରୁ ୨୬ ତାରିଖ ମଧ୍ୟରେ ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୬ରୁ ୨୭ ତାରିଖ ମଧ୍ୟରେ ପୁରୀ , ଖୋର୍ଦ୍ଧା, ଗଂଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ କଟକ , ଜଗତସିଂହପୁର , କେନ୍ଦ୍ରାପଡା, ନୟାଗଡ, ମାଲକାନଗିରି, କୋରାପୁଟ, ବୌଦ୍ଧ , ନବରଙ୍ଗପୁ, ରାୟଗଡ଼ ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଅରିନ୍ଦମଙ୍କ ଅକାଳ ବିୟୋଗରେ ଶୋକ

ଯୋଡା, ୨୪।୯(ପି.ଏନ): ଅରିନ୍ଦମଙ୍କ ଅକାଳ ବିୟୋଗରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି । ମୁଣ୍ଡଳୀଠାରେ ପାଣିରୁ ଉଠିପାରୁନଥିବା ଏକ ହାତୀକୁ ଉଦ୍ଧାର କରିବାକୁ ଓଡ୍ରାଫ ଦଳ ଯାଇଥିବାବେଳେ ଖବର ସଂଗ୍ରହ କରିବାକୁ ତାଙ୍କ ସହିତ ଅରିନ୍ଦମଯାଇ ଆଉ ଫେରିନଥିଲେ। ଓଡ୍ରାଫ ଦଳର ବୋଟ୍‌ଟି ପ୍ରଖର ସ୍ରୋତରେ ବୁଡ଼ିଯାଇଥିଲା । ସେଥିରେ ଅରିନ୍ଦମ ପ୍ରାଣ ହରାଇଥିଲେ। ସେ ଜଣେ ନିର୍ଭିକ, ସଚୋଟ୍ ଓ ଦାୟୀତ୍ୱ ସମ୍ପନ୍ନ ଗଣମାଧ୍ୟମ ପ୍ରତିନିଧୀ ଭାବେ ସମଗ୍ର ରାଜ୍ୟରେ ବେଶ ଜଣାଶୁଣା। ତାଙ୍କର ଅକାଳ ବିୟୋଗରେ ଯୋଡା ଗଣମାଧ୍ୟମ ପ୍ରତିନିଧୀ ମାନଙ୍କ ମଧ୍ୟରେ ବିଷାଦର ଛାୟା ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ଯୋଡା ବସଷ୍ଟାଣ୍ଡସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶୋକ ସଭା, ନିରବ ପ୍ରାଥନା କରାଯିବାସହିତ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୀପଦାନ କରାଯାଇଥିଲା। ଏଥିରେ ଗଣମାଧ୍ୟମ ପ୍ରତିନିଧୀ ମାନସ ମହାନ୍ତି, ବେଣୁଧର ବେହେରା, ପ୍ରକାଶ ମହାନ୍ତି, ସୁଶାନ୍ତ ବେବର୍ତ୍ତା, ଗଣେଶ ସାହୁ, ରତ୍ନାକର ମହାପାତ୍ର, ସଞ୍ଜିତ ବାରିକ, ପବିତ୍ର ଦାଶ, ମନିନ୍ଦ୍ର ସୁନ୍ଦର ବାରିକ, ମନୋରଞ୍ଜନ ଲେଙ୍କା, ସଞ୍ଜିବ ସିର୍କା, ବେବୀ ତାବାସୁମ୍, ଶିଶିର ବେହେରା, ରାଜା ଚାଟାର୍ଜି, ପାର୍ଥ ସାରଥି ଶଡଙ୍ଗୀ, ସୁବାସ ବିହାରୀ, ଦିନେଶ ବିହାରୀ, ଦିଗାମ୍ବର ବେହେରା, ବିନୟ ସାହୁ, ବିଜୟ ଜେନା ପ୍ରମୁଖ ପ୍ରତିନିଧିମାନେ ଯୋଗଦେଇଥିଲେ।

### ଅରିନ୍ଦମ ଦାସଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪।୯(ପି.ଏନ): ମୁଣ୍ଡଳୀ ଠାରେ ବୋଟ୍ ଓଲଟି ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ କାର୍ଯ୍ୟରତ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଅରିନ୍ଦମଙ୍କ ମୃତ୍ୟୁ ଖବରରେ ମର୍ମାହତ ହୋଇ ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ ଶୋକ ପ୍ରକାଶ କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

### ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୨୪।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜିଠାରୁ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ସେଠାରେ ସେ ନକ୍ସଲବାଦ ମୁକାବିଲା ସମ୍ପର୍କିତ ଏକ ବୈଠକରେ ଯୋଗଦାନ କରିବେ । ଉଲ୍ଲେଖନୀୟ ଯେ ନକ୍ସଲ ମୁକାବିଲା ଲାଗି କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ଡକାଯାଇଥିବା ବୈଠକ ସେପ୍ଟେମ୍ବର ୨୬ ଅର୍ଥାତ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ। ଏହି ବୈଠକ ପାଇଁ ଦେଶର ସବୁ ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ।

### ସ୍କୁଲ ଖୋଲିବା ନେଇ କିଛି ନିଷ୍ପତ୍ତି ନିଆଯାଇନାହିଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର , ୨୪।୯(ପି.ଏନ): ରାଜ୍ୟରେ ସ୍କୁଲ ଖୋଲିବା ନେଇ ବର୍ତମାନ ସୁଦ୍ଧା କିଛି ନିଷ୍ପତି ନିଆଯାଇନାହିଁ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ।

## ଗୋଟିଏ ଦିନରେ ୫୩୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୩୧୩୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୯ ହଜାର ୦୮୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୮୨୯ ରହିଛି। ଆଜି ଚିହ୍ନଟ ହୋଇଥିବା ୫୩୯ ଜଣଙ୍କ ମଧ୍ୟରୁ ୩୧୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨ ସଂକ୍ରମିତ ହୋଇଛନ୍ତି । ଭଦ୍ରକରୁ ୧୨ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪୮ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୪ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୧ ଜଣ, ଯାଜପୁରରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧. କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୨୫୪ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩, ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୨ ଜଣ, ରାୟଗଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୨, ସୋନପୁରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ୍ ପୁଲରୁ ୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାସନ କାର୍ଡ ଓ ସ୍ଥାୟୀପଟା ଦାବି ନେଇ ରଣପୁର ଜନସାଧାରଣଙ୍କ ବ୍ଲକ ତହସିଲ ଘେରଉ



ଭୁବନେଶ୍ୱର, ୨୪।୯(ପି.ଏନ): ଆଜି ଅପରାହ୍ନରେ ନବନିର୍ମାଣ କୃଷକ ସଙ୍ଗଠନ ଓ ଦଳିତ ଆଦିବାସୀ ସଂଘ ପକ୍ଷରୁ,ରଣପୁର N.A.Cର ବର୍ଷ ବର୍ଷ ଧରି ରାସନ କାର୍ଡ ଓ ସ୍ଥାୟୀ ପଟା ପାଇଁ ବାରମ୍ବାର ଅଭିଯୋଗ ବ୍ଲକ ପ୍ରଶାସନ, ତହସିଲଦାର ଓ ଘ.ଇ.ଉ.ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣେଇଲା ପରେ ମଧ୍ୟ,ଯୋଗ୍ୟ ହିତାଧିକାରୀ ମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ ।କର୍ତ୍ତୃପକ୍ଷ ଭୂମିହୀନଙ୍କୁ ସ୍ଥାୟୀ ପଟା ଦେବାରେ ବିଳମ୍ବ କରୁଥିବାରୁ ଆଜି ଅପରାହ୍ନରେ ରଣପୁର ଘ.ଇ.ଉ.ର ଶହ ଶହ ମହିଳା ଏବଂ ପୁରୁଷ ରଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଅଧିକାର ପାଇଁ ବିକ୍ଷୋଭ ଧାରଣାରେ ବସିଥିଲେ ।ମଣ୍ଡଳ ଉନ୍ନୟନ ଅଧିକାରୀ ଓ ତହସିଲଦାର ବିକ୍ଷୋଭ କାରୀଙ୍କ ପାଖକୁ ଆସି,ଅକ୍ଟୋବର ମାସ ଶେଷ ସୁଧା ଯୋଗ୍ୟହିତାଧିକାରୀ ମାନଙ୍କୁ ରାସନ କାର୍ଡ ଓ ପଟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ ।ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଯୁବ ଶାଖା ସଭାପତି ତଥା କଂଗ୍ରେସ ନେତା ସତ୍ୟବ୍ରତ ନାୟକ, ରଣପୁର ବାର ଆସୋସିଏସନର ସମ୍ପାଦକ ସତ୍ୟରଞ୍ଜନ ମଡା, ନବନିର୍ମାଣ କୃଷକ ସଂଗଠନ ସଂଯୋଜକ ଅଜୟ ମହାନ୍ତି,ବରିଷ୍ଠ ସାମ୍ବାଦିକ ଆଚାର୍ଯ୍ୟ ବିଶ୍ୱରଂଜନ,ଦଳିତ ଆଦିବାସୀ ସଂଘ ନେତ୍ରୀ ତନୁଲତା ଭୋଇ, ନୟାଗଡ଼ ଜିଲ୍ଲା ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର ଆବୁବକର ସିଦ୍ଦିକ, ସଞ୍ଜୟ ମହାନ୍ତି,ବସନ୍ତ କୁମାର ପ୍ରଧାନ, କୃପାସିନ୍ଧୁ ବେହେରା,ଲକ୍ଷ୍ମୀଧର ନାୟକ,କୁନା ଦେଇ,ଜୟନ୍ତୀ ଦେଇ,ରାଣୀ ପ୍ରଧାନ,ଲାକ୍ଷ୍ମୀପ୍ରିୟା ସତପଥୀ,ମମତା ରାଉତ ସମେତ ଶହ ଶହ ପୁରଷ ଓ ମହିଳା ଯୋଗଦେଇଥିଲେ।

## ବିଜେଡି ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୨୪।୯(ପି.ଏନ): ସାଧାରଣ ଜନତାଙ୍କ ଜୀବନ ସହ ଖେଳିବାର ଅଧିକାର କାହା ପାଖରେ ନାହିଁ । ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣ କାରଣରୁ ପିପିଲି ଉପ ନିର୍ବାଚନ ସ୍ଥଗିତ ହୋଇଥିଲା । ସଂକ୍ରମଣ ହ୍ରାସ ପାଇବା ପରେ ନିର୍ବାଚନ ଆୟୋଗ ବହୁ କଟକଣା ଲାଗୁ କରି ପିପିଲି ଉପ ନିର୍ବାଚନ କରୁଛନ୍ତି। ଏଥି ପାଇଁ ନିର୍ବାଚନ ଆୟୋଗଙ୍କ ତରଫରୁ ସ୍ୱତନ୍ତ୍ର ଗାଇଡଲାଇନ ମଧ ଜାରୀ କରାଯାଇଛି । ଅନ୍ୟ ପଟେ କୋଭିଡ୍ ଗାଇଡଲାଇନକୁ ସଂପୂର୍ଣ୍ଣ ଭାବେ ଜଳାଞ୍ଜଳୀ ଦେଇ ଶାସକ ବିଜେଡି ପିପିଲି ଉପନିର୍ବାଚନରେ ପ୍ରଚାର କରୁଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି ।ଗତ କାଲି ପିପିଲି ଉପନିର୍ବାଚନ ପ୍ରଚାରରେ ଶାସକ ଦଳର ମନ୍ତ୍ରୀ ଓ ବିଧାୟକ, ନେତୃବୃନ୍ଦମାନେ ଶତାଧିକ କାର୍ଯ୍ୟକର୍ତାଙ୍କ ଗ୍ରହଣରେ ଶାସକ ବିଜେଡି ପ୍ରାର୍ଥୀ ପ୍ରଚାର କାର୍ଯ୍ୟ କରିଥିଲେ । ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ପଦାଧିକାରୀଙ୍କ ଉପସ୍ଥିତିରେ କୋଭିଡ୍ ଗାଇଡଲାଇନକୁ ଉଲ୍ଲଂଘନ କରାଯାଇ ବିରାଟ ବାଇକ ରାଲି ଅନୁଷ୍ଠିତ ହୋଇଥିବା ସତ୍ୱେ ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଆଇପିସି-୧୭୧ (ସି) ଓ ଆଇପିସି-୧୮୮ର ଉଲ୍ଲଂଘନ ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି ।କୋଭିଡ୍ ଗାଇଡଲାଇନକୁ ଉଲ୍ଲଂଘନ କରି ସାଧାରଣ ଜନତାଙ୍କ ଜୀବନ ସହ ଖେଳାଯାଇଥିବା ଶାସକ ବିଜେଡିର ବାଇକ ରାଲିର ଫଟୋ ଓ ଭିଡିଓ ଚିତ୍ର ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇ ଆଇନ ଅନୁଯାୟୀ ଉଭୟ ପ୍ରାର୍ଥୀ ଏବଂ ବିଜେଡି କାର୍ଯ୍ୟକର୍ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରାଯାଇଛି ।ଏହି ଅବସରରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଓ ଉର୍ମିଳା ମହାପାତ୍ର, ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ଏବଂ ମିଡିଆ ସେଲ୍ ସହ-ସଂଯୋଜକ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।


2021-2022

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ସେପ୍ଟେମ୍ବର ୨୫**

# 'ଇତି ମାଡ଼ି ଆସୁଛି'



ଯହାଁପନା, ଆପକୋ କବରଖାନା, ଯାନେ ହୋଗା । ମଞ୍ଚରେ ପଛ ପଟ ପରଦାରେ ରହି ଅଭିନେତାର ବକ୍ତବ୍ୟ ସ୍ମରଣ କରାଇଦେବା ପରି, ସିଂହାସକ ବାଦଶାଙ୍କ କାନ ପାଖରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟତ ସ୍ୱପ୍ନର ଯୋଜନା ପ୍ରସ୍ତୁତ ବେଳେ କାନକୁହାଟି ବାଦଶାହାଙ୍କୁ ଶୁଣାଇ କହିଦେଉଥାଏ । ବାଦଶା ପ୍ରକୃତିସ୍ଥ ହୁଅନ୍ତି, ଯୋଜନାକୁ କାଲି ପାଇଁ ନୁହେଁ ଆଗକୁ ନୁହଁ ପଇସା ରାଜକର ଆଦାୟ ହୋଇ ହୋଇ ନୁହଁ, ଆଜି ଆଜିର ଗଚ୍ଛିତ ରାଜ ଭଣ୍ଡାର ଅର୍ଥରେ ହିଁ କାମ ଫତେ, ହେବା ପରି କାମ ଶେଷ ହେବା ଆଦେଶ ସଇ ମୋହର ଲଗାନ୍ତି ।

ଲଙ୍କାର ରାଜା ରାବଣ ନିଶ୍ଚେ ଜଣେ ପ୍ରଗତିଶୀଳ ଚିନ୍ତନ ରାଜା ଥିଲେ, ସୁନାର ଲଙ୍କା ସମୁଦ୍ର ଟାପୁରେ ଗଢ଼ିଥିଲେ । ସୁଲଭରେ ସୁନା ମିଳୁଥିଲା । ଆଉ ସୁନା ଛାଉଣୀରେ ଘରଦ୍ୱାର ପାଚେରୀ ଝଲସୁ ଥିଲା । ରାଜା ମୁଣ୍ଡରେ ବହୁମୂଲ୍ୟ ସୁନାରେ ମଣି ମାଣିକ୍ୟ ଖଚିତ ମୁକୁଟ ପ୍ରଜାଙ୍କର ଧନରୁ ହିଁ ଆଦାୟ ଧନରେ ନିର୍ମିତ ଅତଏବ ରାଜ୍ୟର ଏତେ ସୁନା କେମିତି ଆସିଛି ? ପ୍ରଜା କଣ ଏତେ ସମୃଦ୍ଧ ଥିଲେ ? ଯଦି ପ୍ରଜା ଏତେ ସମୃଦ୍ଧ ରାଜାଙ୍କର ତ ସମସ୍ତେ ରାଜବନ୍ଧୁ ହୋଇଥାନ୍ତେ ? ରାଜ କାର୍ଯ୍ୟ ପାଇଁ ଦରମା ଦିଆ କର୍ମଚାରୀ ଆବଶ୍ୟକ ନଥାନ୍ତେ ? ଲଙ୍କାରେ ବନ୍ଦୀ ଚିନ୍ତନ ନଥାନ୍ତା । ରାଜାର ପେଷଣ କର୍ମଚାରୀ ପାଖ ରାଜ୍ୟରେ ସୀମା ଡେଇଁ ଉତ୍ପାତ କରୁନଥାନ୍ତେ । ନିଜେ ରାଜାର ଚୌର୍ଯ୍ୟ ସ୍ୱଭାବ ନଥାନ୍ତା । ଲୁଣ୍ଠନକାରୀ ଭାବ ନଥାନ୍ତା । ଏକ ଦେଶର ପ୍ରଗତିର ଅର୍ଥ ନୁହଁ, ଅନ୍ୟ ଦେଶର ଦୁର୍ଗତି ସୃଷ୍ଟି କରିବା । ଯଦି ଏପରି ତେବେ ସେ ରାଜା ଅବଶ୍ୟ ଦୈବଶକ୍ତିର ବିରୁଦ୍ଧାଚାରୀ ତାକୁ ଦେବଦଣ୍ଡ ଭୋଗିବାକୁ ପଡ଼ିପାରେ । ନିଜର ରାଜ୍ୟ ବିସ୍ତାର ଆଶା ନିଜ ରାଜ୍ୟରେ ଅନେକ ନାରୀମାନଙ୍କର ଶୋକ ଦୁଃଖ ସୃଷ୍ଟି କରାଇବା ପଥ ଉନ୍ମୁକ୍ତ କରାଇବା । କାହାର ଭେଣ୍ଡିଆ ପୁଅ ଅକାଳରେ ଖସିବ, ତ କାହାର ସ୍ୱାମୀ ବୀରଗତି ପ୍ରାପ୍ତ ହେବ । ଯୁଦ୍ଧ ଫେରନ୍ତାଙ୍କ ମଧ୍ୟରେ କିଏ ଯେ ବିକଳାଙ୍ଗ ନହୋଇଥିବ ଏହା ମଧ୍ୟ ଅସମ୍ଭବ ନୁହଁ । ପ୍ରଜାଧନରେ ଅନ୍ୟ ଦେଶର ପ୍ରଜାଙ୍କର ବହୁନାଶ ଚିନ୍ତନ କଣ ଦେବୋପର ରାଜାର ମାନସ ହୁଏ କି ? ହୁଏତ ଏପରି ରାଜକୁ ରାକ୍ଷସ, ଅସୁର ଦୈତ୍ୟ ନାମରେ ଲୋକେ ମନେରଖି ନିନ୍ଦନୀୟ ଇତିହାସରେ ନାମ ଭରି ଭବିଷ୍ୟତକୁ ପଠନ ବିଷୟ ରଖିଥାନ୍ତି । ଯିଏ ଯେତେ ଦୁର୍ଦ୍ଧାନ୍ତ, ବିସ୍ତାରବାଦୀ, ଲୁଣ୍ଠନକାରୀ ହେଉ ଯଦି ସୁନା ଗୁଡ଼ାଏ ସଂଗ୍ରହ କରିଥିବ ସେ ସୁନା ଯେ ପରର ଏକଥା ନିଶ୍ଚେ ସମସ୍ତେ ଭାବିପାରିବେ । ଯଦି ବଂଶାନୁକ୍ରମିକ ଶାସନ ଚାଲୁ ରହିଥିବ ତେବେ ପର ରାଜାର ବଡ଼ିମା ଥିବ ସିନା ବିକ୍ରମ ସେପରି ଯେ ହେବ ଏମିତି କିଛି କହିହେବନାହିଁ । ଆଗ ରାଜାର ଧନ ହୁକାଟଣା ବାଇ ନାଚରେ ଅୟସ ହେବ । ମୋଗଲ ତାମସା ଚାଲିବ । ପୂର୍ବେ ଲୋକମନୋରଞ୍ଜନକାରୀ ସୁଆଙ୍ଗ ଥିଲା । ଏବେ ପ୍ରତ୍ୟେକ ରାଜା ମୁକୁଟହୀନ ହେଲେ ବି ରାଜ ଗଦିରେ ରାଜ କରୁଛନ୍ତି । ସେ ଏପରି ସୁଆଙ୍ଗ ଦେଖୁଛନ୍ତି ପୁଣି ସୁଆଙ୍ଗ ନିଜେ କରିବା ବୋଧ ହେଉଛି । ସୁଆଙ୍ଗ ଏବେ ବହୁଜନ ମନୋରଞ୍ଜନ ଉଦ୍ଦିଷ୍ଟ ନୁହଁ ବହୁଜନ ଶୋଷଣ ଓ ବହୁଜନ ପୋଷଣରେ ଲାଗୁଛି । ଆମ ରାଜ୍ୟର ଗୀତିକାର ସ୍ୱପ୍ନର କବିତା ଲେଖିଛନ୍ତି । ଗାୟକ ଦ୍ୱାରା ବୋଲାଇଛନ୍ତି । ପାରାଦ୍ୱୀପ ଯିବା ଚିଙ୍ଗୁଡ଼ି ଧରିବା, କିଛି ନ ମିଳିଲେ ବଜା ଖଜଣୀ । ଏମିତି ଭାବନାରେ ମୂର୍ଚ୍ଛ ହୋଇ ଲୋକେ ଓ ଲୋକ ପ୍ରତିନିଧିମାନେ କ'ଣ କରିବାକୁ ଯାଉଛନ୍ତି ହୁଏତ ଜାଣି ପାରୁନାହାଁନ୍ତି ।

ଧର୍ମ ! ଧର୍ମ ! ଧର୍ମ ! ଏମିତି ପ୍ରଚାରରେ କେତେ ବଡ଼ ବୋଲା ଗର୍ଜନ ତର୍ଜନ ଚାପ ସୃଷ୍ଟି କରୁଛନ୍ତି । ଧର୍ମନୀତିରୁ ବାହ୍ୟଟି ହୁଏତ ସେ ଦେଖିଛନ୍ତି କି ଶୁଣିଛନ୍ତି । ଧର୍ମଶାସ୍ତ୍ର କେବେ ବଦଳା ଯାଇ ତାର ପ୍ରଶାଖା ମେଲାଇ ଦିଆଯାଇନପାରେ । ସବୁଧର୍ମରେ ଈଶ୍ୱର ଅଛନ୍ତି । ସମସ୍ତେ ଈଶ୍ୱରଙ୍କ ସନ୍ତାନ । ନିଜର ବାପା ମାଆଙ୍କର ସନ୍ତାନ ଯେମିତି ନିଜର ଭାଇ ଭଉଣୀ ସେମିତି ଈଶ୍ୱରଙ୍କ ସନ୍ତାନ ସମସ୍ତେ ଭାଇ ଭଉଣୀ । ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି । ବଡ଼ ଜନ୍ମର କିଛି ଦିନ ପରେ ସାନ ଜନ୍ମ ବଡ଼ଭାଇ ବା ବଡ଼ ଭଉଣୀ ସାନ ସାନ ଭାଇ ବା ସାନ ଭଉଣୀ ଏଇ ଭାବ ରଖି ସମସ୍ତେ ଚଳିଲେ ଈଶ୍ୱର ଅବଶ୍ୟ ଖୁସି ରହନ୍ତେ । ଧର୍ମ ନାମରେ ଠକେଇ ମନ୍ଦପଥ । ଅର୍ଜନ ହେବ ହେଲେ ଖଷ୍ଟ ଭୋଜନରେ ତାହା ପରେ ଶେଷ ହେବ । ପୂର୍ଣ୍ଣ ଗୋଟିକିଆ ଟୁକୁରା ଟୁକୁରା ହୋଇ, ନିଶ୍ଚିହ୍ନ ହୋଇଯିବ । ଗୁରୁର ଧନ ଶିଷ୍ୟ ବାଣ୍ଟିନେବେ ପାଇଁ ମାମଲା ଦାୟର ହେବ । ଭେକ ଧରି ଯଦି ଧର୍ମଗୁରୁ ଆଖ୍ୟାରେ ଅଛନ୍ତି ତେବେ ଜାଣନ୍ତୁ ଆପଣ କବରକୁ ବା ସମାଧିକୁ ଯିବାକୁ ହେବ । ଆଜି ନହେଲେ ବି କାଲି ବା ନିଶ୍ଚେ ସପ୍ତବାର ମଧ୍ୟରୁ ଏକ ବାରରେ ହିଁ ଯିବେ ସେ ପାଇଁ ଚିନ୍ତନ ରଖନ୍ତୁ । ଶୋଷଣ ପ୍ରକ୍ରିୟାରେ ଅଜଗରର ଭୋଜନ, ଅଜଗର ସାପ ଜଙ୍ଗଲ ଧ୍ୱଂସରୁ ଅନେକ ଶେଷ ହେଲେ ବି ତାର ଚରିତ୍ର ତୁଟିନାହିଁ । ପୃଥୁକ ଅଜଗର ପଡ଼ି ରହିଥାଏ । ତା' ମୁଖରେ ଖାଦ୍ୟ ପହଞ୍ଚେ । ଏଇପରି କାର୍ଯ୍ୟାଳୟରେ ବସି ରହି ଆଗତ ଲୋକଙ୍କ କାମ କରାଇବା ବାହାନାରେ ଶୋଷଣ ବୃଦ୍ଧିରେ ଆୟ କରିବା କ'ଣ ଅଜଗର ଭୋଜନ ନୁହଁ । ରାଜା ନହୁଷ ଶାପ ପାଇ ଅଜଗର ହୋଇଥିଲେ । ଇନ୍ଦ୍ରପଦ ଆଶାୟୀ ମର୍ତ୍ତ୍ୟର ରାଜା ଧରାକୁ ସରା ମନେ କରି ସ୍ୱର୍ଗସୁଖ ଲାଳାୟିତରୁ ଋଷି ଶାପ୍ୟରୁ ଅଜଗର ହେଲେ । ଯେ ରାଜପଦରେ ରହିଲେ ସେ ଚାହିଁଲେ ରାଜର୍ଷି ହୋଇପାରିବେ । ରାଜର୍ଷି ପଦ ପାଇଁ ନିରାପତ୍ତାରକ୍ଷୀ କେବେ ଆବଶ୍ୟକ ପଡ଼ିବ ନାହିଁ । ଲୋକେ ରାସ୍ତାରେ ବନ୍ଦାଇବେ, ନାରୀମାନେ ମନକୁ ମନ ହୁଳହୁଳି ପକାଇ ଜୟ ଜୟକାର କରିବେ । ଡାକ୍ତର ଠିକ୍ ସେବା କରିଲେ କେବଳ ରାଜ୍ୟ ଦରମାରେ ସେବା କରି କରି ଚାଲିଲେ ଓ ଛଳନା ପାଠପଢ଼ା ନକରି ଉପଯୁକ୍ତ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ମନୁଷ୍ୟ କରିଥିଲେ ଶିକ୍ଷକ ଶିକ୍ଷୟିତ୍ରୀ ରାସ୍ତାରେ ଗଲାବେଳେ ସେ ରାସ୍ତା ତାଙ୍କର ଯଶଗାନରେ ଅବଶ୍ୟ ମୁଖରିତ ହେବ । ଏହା ନକରିବା ପଥରେ ଚାଲୁଥିବା ଚରିତ୍ରମାନେ ଜାଣନ୍ତୁ ଆଗକୁ କବରଖାନା ଜାନେ ହୋଗା । ଇତି ମାଡ଼ି ଆସୁଛି ତାହା ବେଶି ଦିନ ନୁହେଁ ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**, ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୦୩୧୨୫୩

## ଆଜିର ଅନୁଚିନ୍ତା


*ବେଦାନ୍ତ ଶାସ୍ତ୍ର ମନୁଷ୍ୟର ପ୍ରକୃତ ପରିଚୟ ଓ ସ୍ଥାୟୀ ଠିକଣା ସମ୍ବନ୍ଧରେ ସୂଚନା ଦିଏ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସାମ୍ପ୍ରତିକ ସମୟରେ ସାହିତ୍ୟିକଙ୍କ ଜନବାଦୀ ଭୂମିକା

●●●●●●●●●●●●●ମାୟାଧର ନାୟକ●●●●●●●●●●●●●



ସମୟ ଓ ସାହିତ୍ୟ ଯଥାକ୍ରମେ ଚେତନା ଓ ଚିତ୍ରଣ । ସମୟ ଚେତନାଠାରୁ ଯେଉଁ ସାହିତ୍ୟ ଯେତେ ସୁଦୂରବର୍ତ୍ତୀ, ତାହା ସେତେ ଅଦୂରଦର୍ଶୀ । ନିଜ ସମୟ, ନିଜ କାଳଖଣ୍ଡ, ନିଜ ଯୁଗର ଜାତକ ନଲେଖିପାରିଲେ ସାହିତ୍ୟିକଟିଏ କେବଳ ଏକ ସାମର୍ଥ୍ୟହୀନ ଏକକ । ଆମର ପରମ୍ପରାରେ ସାହିତ୍ୟିକଙ୍କୁ 'ଦ୍ୱିତୀୟ ଈଶ୍ୱର' ଓ କବିଙ୍କୁ 'କ୍ରାନ୍ତଦର୍ଶୀ' ବୋଲି କୁହାଯାଇଅଛି । ମାତ୍ର ସାଂପ୍ରତିକ ସମୟରେ ଏହି ପରମ୍ପରା ପ୍ରତି କୌଣସି ପ୍ରକାରେ ସାମାନ୍ୟତମ ଅଙ୍ଗୀକାରବୋଧ କେଉଁଠି କେହି ଲକ୍ଷ୍ୟ କରୁଛନ୍ତି କି ?

ସାଂପ୍ରତିକ ସମୟ ଏକପ୍ରକାର ଅସହନୀୟ ଅସମୟ । ମଣିଷ ଓ ମଣିଷ ମଧ୍ୟରେ ମୁନାଫାଖୋର ମୁନିବମାନେ ଛିଡାକରାଇସାରିଛନ୍ତି ବିଭିନ୍ନ ଭେଦବିଭେଦର ମେଘନାଦ ପ୍ରାଚୀର । ମୁନିଋଷି ନାହାନ୍ତି, ମନୀଷୀମାନେ ନାହାନ୍ତି–ସମାଜର ସର୍ବୋଚ୍ଚ ସୋପାନରେ ଏବେ ଏହି ମଣିଷତ୍ୱହୀନ ମୁନିବବର୍ଗ । ଏମାନେ ପ୍ରସ୍ତୁତ କରୁଛନ୍ତି ସାହିତ୍ୟ-ସଂସ୍କୃତି-ରାଜନୀତି-ଅର୍ଥନୀତିର ସୂତ୍ରସବୁ – ଯାହା ସେମାନଙ୍କ ଦ୍ୱାରା ସୃଷ୍ଟ ସ୍ଥିତାବସ୍ଥାକୁ ପ୍ରଦାନ କରିଚାଲିଥିବ ଅନ୍ଧ ସପକ୍ଷତା । ଯୁଆଡେ ଅନାନ୍ତୁ, ଦେଖିବେ ହସ ନାହିଁ କି ସାହସ ନାହିଁ – ଅଛି କେବଳ ଭୀରୁତାର ଭଉଁରି !

ଏହି ପରିପ୍ରେକ୍ଷୀରେ ସାହିତ୍ୟ ଓ ସାହିତ୍ୟିକର ଜନବାଦୀ ଭୂମିକାଟି ପ୍ରକୃତରେ ଏକ ପ୍ରକାଣ୍ଡ ପ୍ରଶ୍ନବାଚୀ । ଏ 'ଜନ' କିଏ ? ଏ 'ଜନ' ଆଜି ମହାଜନମାନଙ୍କ ସୁଧକଷା ଖାତାର ଖାତକ କେବଳ ! ତା' ମୁଣ୍ଡରେ ବୋଝ ଉପରେ ନଳିତା ବିଡା । ତାକୁ ବେଳେବେଳେ ଆମ ପ୍ରଗତିଶୀଳ କବି ଲେଖକବର୍ଗ 'ଗଣ' ବୋଲି ପାଠକ ଦରବାରକୁ ଚିହ୍ନାଇ ଦିଅନ୍ତି । ମାତ୍ର 'ଗଣ' ହେଉଛି ସେଇ ଅଗ୍ନିସ୍ଫୁଲିଙ୍ଗ, ଯାହା ସଚେତନତା ଦ୍ୱାରା ପ୍ରଣୋଦିତ ହୋଇ ଆସନ୍ନ ବିପ୍ଳବର ଅଂଶୀଦାର ହେବାକୁ ଆଗଭର । 'ଜନ' କିନ୍ତୁ ଜୀବନସଂଗ୍ରାମ ଜର୍ଜରିତ ଏକ ସର୍ବସ୍ୱାନ୍ତ ସମୁଦାୟ- ଯିଏ ଭବିଷ୍ୟତର 'ଗଣ' ହେବା ପୂର୍ବରୁ ବଳିପଡୁଥାଏ 'ଗଣତନ୍ତ୍ର'ର ଗିଲୋଟିନ୍‌ରେ–ସେ କେବଳ ଗଣା ହୋଇଥାଏ ଭୋଟର୍ ତାଲିକାରେ । ନହେଲେ ତା' ନାଗରିକ ଅଧିକାର ତାକୁ ମିଳିନଥାଏ ଶେଷପର୍ଯ୍ୟନ୍ତ ।

'ଜନ' ଆଜିପର୍ଯ୍ୟନ୍ତ ବି 'ଗଣ'ରେ ରୂପାନ୍ତରିତ ହୋଇପାରିଲା ନାହିଁ । ତା' 'ମନ' ଯାଇ ଗହନବନରେ ବାଟବଣା । ଆମ ଜାତୀୟସଂଗୀତର 'ଜନଗଣମନ' ଉଚ୍ଚାରଣର ସର୍ବାଗ୍ରେ ସେ ବ୍ୟବସ୍ଥିତ, ଅଥଚ ଆମ ରାଜନୀତି ଓ ଅର୍ଥନୀତିର ସବାତଳ ପାହାଚ ପାଖରେ ସେ ଘାସଟେ କି ପତ୍ରଟେ ବି ନୁହେଁ । କିଏ ତାକୁ ପଚାରେ ?

ସାହିତ୍ୟ ପଚାରେ କି ?

'ଜନ'କୁ ନେଇ ଜନରବ କେଉଁଠି ଶୁଭୁଛି କି ?

ଜନବାଦକୁ ସାହିତ୍ୟରେ ନୁହେଁ, ଦାୟିତ୍ୱରେ ସ୍ୱୀକୃତି ଦେବାର କଥା । ତାହା ଏଠି କେତେଦୂର ଚରିତାର୍ଥ ହୋଇପାରିଛି ? ସାଂପ୍ରତିକ ସାହିତ୍ୟ କ'ଣ ଏହି ବିଡମ୍ବନା ପାଇଁ ସାଂପ୍ରତିକ ଶାସନତନ୍ତ୍ରକୁ ଦୋହଲାଇ ଦେବାର ଦୁଃସାହସ କଲାଣି କି ? ବରଂ ଚଳିତ ସାହିତ୍ୟରୁ ଦଳିତ ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ ବିଚିତ୍ର ଗୋଷ୍ଠୀ ଓ ଶିବିର ଗଢି ସାଂପ୍ରତିକ ସାହିତ୍ୟିକବର୍ଗ ଆତ୍ମବିଭକ୍ତ ଓ ବିବାଦରତ । ଏ ବିବାଦ ଭିତରେ ପ୍ରକୃତରେ 'ଜନବାଦ'ର ବୀଜ କେଉଁଠି ? ଆତ୍ମପ୍ରଚାରଧର୍ମୀ ଓ ସ୍ୱୀକୃତିଲୋଭୀ ଆମ ସାହିତ୍ୟର ବଡପଣ୍ଡାଏ ଜନକୁ ଅନାନ୍ତିନାହିଁ କି ଗଣକୁ ଖୋଜନ୍ତିନାହିଁ–ସେମାନଙ୍କ ମନ ଯାଇ ଷ୍ଟାର୍ ହୋଟେଲ୍‌ର ସାହିତ୍ୟସଭାରେ । ସାଂପ୍ରତିକ ସମୟର ସାହିତ୍ୟକୁ ଶ୍ରେଣୀଚରିତ୍ର ଦୃଷ୍ଟିରୁ ଆମେ 'ବଜାରୀ ସାହିତ୍ୟ' ବୋଲି କହିଲେ କ'ଣ ଦୋଷ ? ଏହା ବଜାର ପାଇଁ, ବଜାର ଦ୍ୱାରା ପ୍ରସ୍ତୁତ ବଜାରର ବିକ୍ରୀତବ୍ୟ ବିଷୟବସ୍ତୁ ମାତ୍ର ଏବଂ ଗଭୀର କ୍ଷୋଭର କଥା ଯେ ସେ ବିଷୟବସ୍ତୁରେ 'ଜନ'ର ମନକଥା ନୁହେଁ, ବରଂ 'ନିର୍ଜନ ସତାର ଆତ୍ମନେପଦୀ' ଭରପୂର । ବର୍ତ୍ତମାନ ବିଚାରିବାର ବେଳ... ପଚାରିବାର ପାଳି । ସାହିତ୍ୟ ଆଜି ବିଚାରୁଚି କି ? ସାହିତ୍ୟିକ ଏବେ ପଚାରୁଚି କି ? ସାହିତ୍ୟ ପ୍ରଶ୍ନପତ୍ର ନହୋଇ ଉତରଖାତା ହେବାକୁ ପସନ୍ଦ କରୁଛି କାହିଁକି ?

ଆଦିମ ଅରଣ୍ୟର ଅଭେଦ୍ୟ ଅଭ୍ୟନ୍ତରରୁ ସେଦିନ ଉଚ୍ଚାରିତ ହେଉଥିଲା ସେଇସବୁ ଉଦାର ଶବ୍ଦଲହରି । ଲିପି ନଥିଲା, ନଥିଲା ବର୍ଣ୍ଣମାଳାର ବନ୍ଧନ । ମୁକ୍ତ ସ୍ରୋତ ପରି, ଉଚ୍ଛଳ ଝରଣା ପରି ସାହିତ୍ୟର ଅଭିବ୍ୟକ୍ତି ଥିଲା ଅକପଟ ଏବଂ ଅନ୍ତରଙ୍ଗ । ହୃଦୟର ଭାଷା ସଂଚରି ଯାଉଥିଲା ହୃଦୟକୁ । ଶ୍ରୁତି ଏବଂ ସ୍ମୃତି ମାଧ୍ୟମରେ ଦୀର୍ଘକାଳ ବ୍ୟାପୀ ଅବ୍ୟାହତ ରହିଥିଲା ଏହି ଧାରା । ଭାରତୀୟ ପରମ୍ପରାର ଏହି ଆଦି ପର୍ଯ୍ୟାୟର ସାହିତ୍ୟ ମୁଖ୍ୟତଃ ଉଦ୍ଦିଷ୍ଟ ଥିଲା ଏକ ନୈତିକ ମୂଲ୍ୟବୋଧର ଜାଗରଣ ନିମନ୍ତେ । ପରେ ଏହି 'ନୈତିକତା' ଧୀରେ ଧୀରେ 'ଧର୍ମ'ର ବନ୍ଧନୀରେ ଛନ୍ଦି ହେଲା – ବନ୍ଦୀ ହେବାକୁ ଆରମ୍ଭ କଲା ସାହିତ୍ୟ ସଂକୀର୍ଣ୍ଣତାର ଗଣ୍ଡ ଭିତରେ । ତଥାପି ସେଦିନର ସାହିତ୍ୟ ଥିଲା ଦୁଃଖଶୋକସନ୍ତପ୍ତ, ଯାତନାଜର୍ଜରିତ ପୃଥିବୀ ପାଇଁ ଟୋପାଏ ଶୀତଳ ସାନ୍ତ୍ୱନା ! ମୁନି, ମନୀଷୀ, ମହର୍ଷି, ମହାତ୍ମାମାନଙ୍କ ଉଦ୍‌ବୋଧନରେ ଅନୁପ୍ରେରିତ ହୋଇଥିଲା ପ୍ରାଚୀନ ଯୁଗର ସାହିତ୍ୟ । ଜନଜୀବନରେ ସତ୍ ଓ ଶୁଦ୍ଧ ଚିନ୍ତନର ପରିପ୍ରସାର ଦିଗରେ ସାହିତ୍ୟ ଥିଲା ସଂକଳ୍ପବଦ୍ଧ । ସେଦିନ 'ବ୍ୟକ୍ତି' ଅନୁପ୍ରବେଶ କରି ନଥିଲା ସାହିତ୍ୟର ସରହଦ୍‌ରେ, ସମୁଦାୟ ସମାଜ ବା 'ବ୍ୟକ୍ତି' ଥିଲା ସାହିତ୍ୟର କେନ୍ଦ୍ରବିନ୍ଦୁ ।

ଯୁଗ ବଦଳିଲା – ବଦଳିଲା ସାହିତ୍ୟର ସ୍ୱଧର୍ମ । ପ୍ରାଚୀନ ଓ ମଧ୍ୟଯୁଗର ସମାଧି ଉପରେ ଜନ୍ମ ନେଲା ନୂତନ ସାହିତ୍ୟ । ପ୍ରାଚୀନ ସାହିତ୍ୟର ସରଳ ସ୍ୱଚ୍ଛନ୍ଦ ଭାବଧାରା, ମଧ୍ୟଯୁଗର ଶରୀର ସର୍ବସ୍ୱ ବର୍ଣ୍ଣନା-ବିଳାସ ପରିବର୍ତ୍ତେ ସାହିତ୍ୟରେ ମୁହଁ ଦେଖାଇବାକୁ ଆରମ୍ଭ କଲା ବିଭକ୍ତ ବ୍ୟକ୍ତିତ୍ୱ, ସ୍ୱବିରୋଧ, ଆତ୍ମଦ୍ୱନ୍ଦ୍ୱ ଓ ଜର୍ଜରିତ ଜୀବନଯନ୍ତ୍ରଣା ।

ଶିଳ୍ପ ବିପ୍ଳବ ପରେ ନୂତନ ପୃଥିବୀର ମଣିଷକୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି ହେଲା, ତା'ର ଚିତ୍ର ଓ ଚରିତ୍ର ଏକବାରେ ଅଲଗା । ନୂଆ ଯେତିକି, ନିଆରା ବି ସେତିକି । ଅରଣ୍ୟ, ନଗର, ରାଜସଭାର ପୃଷ୍ଠଭୂମି ପରିତ୍ୟାଗ କରି ଯନ୍ତ୍ରସଭ୍ୟତାର ଜଟିଳ ଜୀବନବୋଧକୁ ନେଇ ରଚିତ ହେଲା ନୂତନ ସାହିତ୍ୟ । କ୍ରମେ ସାମୂହିକ ସ୍ୱାର୍ଥ ବା ସାମାଜିକ ମାଙ୍ଗଳିକତାର ମନ୍ତ୍ର ଭାବରେ ନୁହେଁ, ବରଂ ବ୍ୟକ୍ତିବାଦର ବିଜ୍ଞପ୍ତି ଭାବରେ ମୁଣ୍ଡ ଟେକିଲା ସାହିତ୍ୟ ।

ଶିଳ୍ପ ବିପ୍ଳବ ପୂର୍ବରୁ କୃଷିଭିତିକ ସଂସ୍କୃତିରେ ପରିପୁଷ୍ଟ ହୋଇଥିବା ସାହିତ୍ୟକୁ ନିୟନ୍ତ୍ରଣ କରୁଥିଲେ ସାମନ୍ତବାଦୀ ଶ୍ରେଣୀ । ରାଜା ଜମିଦାରମାନଙ୍କ ପୃଷ୍ଠପୋଷକତା କିନ୍ତୁ ସାହିତ୍ୟର ସ୍ୱାଧୀନତାକୁ ଅପହରଣ କରି ନେଇଥିଲା ସେଦିନ । ଦରିଦ୍ର ଲେଖକ ବଂଚିବାର ଦାୟରେ ଜୟଗାନ କରୁଥିଲା ରାଜାରାଜୁଡାଙ୍କର, ଅତ୍ୟାଚାରୀ ଜମିଦାର ଶ୍ରେଣୀର । ଏପରିକି ରାଜାମାନଙ୍କ ନାମରେ ବହୁ କବି, ଲେଖକ 'ଭଣିତା' କରି ଯାଉଥିଲେ ନିଜସ୍ୱ ସାରସ୍ୱତ ସୃଷ୍ଟି ସମ୍ଭାର । ମାତ୍ର ଶିଳ୍ପ ବିପ୍ଳବ ପରେ ସାହିତ୍ୟ କ୍ରମେ ପାଲଟିଲା ବଣିକର ପଣ୍ୟ...ପୁଞ୍ଜିବାଦୀ ଶିଳ୍ପପତିର ବିଳାସ ସାମଗ୍ରୀ । ଶସ୍ତା ଆମୋଦ ହୋଇପଡିଲା ସାହିତ୍ୟର ଆଭିମୁଖ୍ୟ ।

ଆଧୁନିକ ସାହିତ୍ୟ ଉପରୋକ୍ତ ନୂତନ ସାହିତ୍ୟର ଉତ୍ତର-ପର୍ବ । ରାଜା, ଜମିଦାର, ସାମନ୍ତ, ଶିଳ୍ପପତିଙ୍କ ପରେ ଏବେ ଶାସକବର୍ଗର ନିର୍ଲଜ ଚାଟୁକାର ଅଧିକାଂଶ କବି ଲେଖକ ନିଜକୁ ନିଲାମ୍ କରୁଛନ୍ତି ନାମମାତ୍ର ମୂଲ୍ୟରେ । ସାହିତ୍ୟର ନାଡିନକ୍ଷତ୍ର ଠିକ୍‌ଠାକ୍ ଅଛି ବୋଲି ବିଶ୍ୱାସ ହେଉନାହିଁ ମୋତେ । ଅରଣ୍ୟର ନିର୍ଜନତା ମଧ୍ୟରେ ଯେଉଁ ସାହିତ୍ୟ ମହାଜୀବନର ପଥ ସନ୍ଧାନ କରୁଥିଲା ଦିନେ, ସେ ସାହିତ୍ୟ ଆଜି ପଂଚତାରକା ହୋଟେଲ୍‌ର ପ୍ରମୋଦ ଆସର ମଧ୍ୟରେ ନିଜକୁ ଉନ୍ମୋଚିତ କରାଇ, ହରାଇ ବସିଛି ନିଜସ୍ୱ ଅସ୍ତିତ୍ୱ । କୃତ୍ରିମ ପ୍ରସାଧନରେ ସଜ୍ଜିତ କରିଛି ନିଜକୁ ।

ଏଇଠି ପ୍ରଶ୍ନ ଉଠୁଛି ସାହିତ୍ୟର ଦାୟିତ୍ୱ ସମ୍ପର୍କରେ । ସାହିତ୍ୟ ତା'ର ଦାୟିତ୍ୱ ତୁଲାଇ ପାରୁଛି କି ସଠିକ୍ ଭାବରେ ?

ବର୍ତ୍ତମାନ ଆଖି ଆଗରେ ଯାହା ଦିଶିଯାଉଛି, ସେଥିରେ ଜଳକା ହେବା ଛଡା ଅନ୍ୟଗତି ନାହିଁ ଆମର । ପତ୍ରପତ୍ରିକାଠାରୁ ପୁସ୍ତକ ପର୍ଯ୍ୟନ୍ତ ଯାହା ସବୁ ପଠନୀୟ ସାମଗ୍ରୀ ମିଳୁଛି, ସେଥିରୁ ଅଧିକାଂଶ ନିମ୍ନରୁଚିର ନିନ୍ଦନୀୟ ନିଦର୍ଶନ । ବ୍ଲୁ ଫିଲ୍ମର କୁତ୍ସିତ କାମୋଦ୍ଦୀପକ ଆଭିମୁଖ୍ୟ ଓ ଏଲୋ ଜର୍ଣ୍ଣାଲିଜମ୍‌ର ହୋ-ହଲ୍ଲାଧର୍ମୀ ହଟଚମଟ ସହିତ ତାଳ ଦେବାକୁ ବସୁଛି ଆଜିର ଲେଖକ ।

ଏଇଠି ସେଇ ପ୍ରଶ୍ନ–ଏସବୁ ଲେଖା କ'ଣ ସାହିତ୍ୟ ?

ଅତି କଠୋର ଉତର ହେଉଛି – ନା, ନା, ନା !

ସବୁ ଯୁଗରେ, ସାହିତ୍ୟର ଭିଡ ଭିତରେ, ଏଇ ନା-ନା-ନା'ର ବିରଳ ସ୍ୱର ଯେତେ କ୍ଷୀଣ ଭାବରେ ହେଉ ସୁଦ୍ଧା – ଉଚ୍ଚାରିତ ହୋଇ ଆସିଛି, ନିର୍ଭୀକ ଭାବରେ । ଏ ସ୍ୱର ଦାୟିତ୍ୱର ସ୍ୱର, ଦାୟବଦ୍ଧତାର ସ୍ୱର, ଦୁର୍ବାର ଅଙ୍ଗୀକାରର ଦୁର୍ଦ୍ଧର୍ଷ ଇସ୍ତାହାର ! ମେଣ୍ଢାମାନଙ୍କ ମେଳରେ ଭେଣ୍ଡା ପରି ପ୍ରତ୍ୟେକ ଯୁଗର ସୁବିଧାବାଦୀ ନିରାପତାପ୍ରେମୀ ଚାରଣ ଚାଟୁକାର ଲେଖକମାନଙ୍କ ଭିଡ ଭିତରେ ବି ଆମେ ଲକ୍ଷ୍ୟ କରିଛେ ଜଣେ ଜଣେ ସଂକଳ୍ପବଦ୍ଧ ଶଙ୍କାହୀନ ସାହିତ୍ୟକାରକୁ– ଯେଉଁମାନଙ୍କ ଲେଖା ସବୁ ସାହିତ୍ୟର ଦାୟିତ୍ୱ ତୁଲାଇ ଆସିଛି ପ୍ରାଣପଣେ । ସେମାନେ ମୃତ୍ୟୁକୁ ଭୟ କରି ନାହାନ୍ତି, ଯନ୍ତ୍ରଣାର ଯୂପକାଠକୁ ଡରି ନାହାନ୍ତି, ରାଜଦଣ୍ଡ ଓ ଫାଶି ମଂଚକୁ ଖାତିର୍ କରି ନାହାନ୍ତି ମୋଟେ ।

ପ୍ରାଚୀନ ଗ୍ରୀକ୍‌ସମାଜର ତରୁଣମାନଙ୍କୁ ସଚେତନ କରିବାର 'ଅପରାଧ'ରେ ସେଦିନର ଶାସନତନ୍ତ୍ର ବିଷ ପିଇବାର 'ଶାସ୍ତି' ଦେଇଥିଲା ସକ୍ରେଟିସ୍‌ଙ୍କୁ । ସକ୍ରେଟିସ୍ ନିଜ ଆଦର୍ଶରୁ ବିଚ୍ୟୁତ ହୋଇ ବଂଚି ରହିବା ଅପେକ୍ଷା ବିଷ ପିଇ ମରିଯିବାକୁ ଶ୍ରେୟସ୍କର ମଣିଥିଲେ ସେଦିନ ।

ଆଜି ପ୍ରତ୍ୟେକ ସଚେତନ ସାହିତ୍ୟିକଙ୍କୁ ଏ ପ୍ରଶ୍ନର ଉତର ଦେବାକୁ ପଡିବ ନିଶ୍ଚୟ । ସନ୍ତୁଷ୍ଟ ଶୂକରର ପୂତିଗନ୍ଧମୟ ଜୀବନ ନା ଅସନ୍ତୁଷ୍ଟ ସକ୍ରେଟିସ୍‌ର ଆଦର୍ଶ ଆତ୍ମବଳିଦାନ – କେଉଁଟା ସେମାନଙ୍କ ପାଇଁ ସ୍ପୃହଣୀୟ ?

ବର୍ତ୍ତମାନ ସମୟରେ ଯେଉଁଠି ସାହିତ୍ୟ ସଭାଗୁଡିକ ଆୟୋଜିତ ହେଉଛି, ସେଠାକୁ ମନ୍ତ୍ରୀ, ଏମ୍.ଏଲ୍.ଏ., ଏମ୍.ପି., ଆଇ.ଏ.ଏସ୍., ଆଇ.ପି.ଏସ୍.ମାନଙ୍କୁ ଫୁଲମାଳ ପିନ୍ଧାଇ ପାଛୋଟି ଅଣାନଗଲା ଯାଏ ଆମ ସାହିତ୍ୟସଭା ଅଚଳ ହୋଇ ରହୁଛି ! ଯେମିତି ଏମାନଙ୍କ ବିନା ସାହିତ୍ୟ ସଭା ଶୋକସଭା ।

ଦୁର୍ନୀତି ସାହିତ୍ୟକୁ ବି ଗ୍ରାସିଛି । ସରକାରୀ ସ୍ୱୀକୃତି, ମାନପତ୍ର, ପୁରସ୍କାରର ପାଲାରେ ନିଜେ ଲେଖକ ଗୋଷ୍ଠୀର ବହୁଳାଂଶ ଲବି କରିବାରେ ବ୍ୟସ୍ତ । ଏପରିକି ରାଜ୍ୟ ସରକାର କିଣୁଥିବା ଲେଖକମାନଙ୍କର ବହି ସିଲେକ୍‌ସନ୍‌ରେ ଲାଂଚ କାରବାର ଚାଲିଛି । ଯାହା ଫଳରେ ଭଲ ଭଲ ପୁସ୍ତକ ବାଦ୍ ପଡିଯାଉଛି । ଦୁର୍ନୀତିର ଦାଶକାଠିଆ ଖାଲି ରାଜନୀତିର ରଣଭୂଇଁରେ ନୁହେଁ, ସାହିତ୍ୟର ସରହଦରେ ମଧ୍ୟ ବଜାୟ ରହିଛି ।

ସାହିତ୍ୟରେ ଅଙ୍ଗୀକାର ନାହିଁ–ଅନୁରାଗ ନାହିଁ – ସାମ୍ନା କରିବାର ସାହସିକ ସ୍ୱର ନାହିଁ – ଏଭଳି ସାହିତ୍ୟ କେବଳ ବିଳାସ ଛଡା ଆଉ କ'ଣ ହୋଇପାରେ ? ସେଇ ପାଣିଚିଆ ପ୍ରେମ, ଜାନ୍ତବ ଯୌନତା ।

ଶସ୍ତା ଆମୋଦର ଚିତ୍ର ଆଙ୍କିବାରେ ସାହିତ୍ୟ ଆଜି ବି ସନ୍ତୁଷ୍ଟ ।

ଅସନ୍ତୋଷ, ଅଦମ୍ୟ ପ୍ରତିବାଦର ଅଗ୍ରଦୂତ ଭାବରେ ସାବ୍ୟସ୍ତ ନହେଲେ ଦୁର୍ନୀତି ନିବାରଣ ଦିଗରେ ଲେଖକମାନେ ନିଷ୍ପାପର ଭୂମିକା ନିର୍ବାହ କରିପାରିବେ କି ? ଏ ପ୍ରଶ୍ନର ଉତର ଲେଖକମାନେ ନିଜେ ନିଜକୁ ପଚାରନ୍ତୁ ପ୍ରଥମେ । ସଭାରେ ଦୁର୍ନୀତିର ଶ୍ରାଦ୍ଧ କରି ସାହିତ୍ୟରେ ନୈତିକତାହୀନ ନିର୍ଲଜ କସରତ ଦେଖାଇବାର ମାନେ କିସ ହୁଏ ?

ହତାଶାର ହାହାତୋସ୍ମି ମଧ୍ୟରେ ଆଶାର ଅଙ୍କୁର ଲୁଚି ରହିଛି । ଯେଉଁ ଯେଉଁ ଭୂଇଁରେ ଅନ୍ୟାୟ ଅତ୍ୟାଚାର ଶୋଷଣ ବିରୁଦ୍ଧରେ ସଂଗ୍ରାମ ଜାରି ରହିଛି; ସାହିତ୍ୟର ଭୂମିକା ସେଠି କିଛି କମ୍ ନୁହେଁ । ଗର୍କୀଙ୍କର ମା' ବିପ୍ଳବର ପ୍ରଚାରପତ୍ର ବାଂଟୁଥିଲା, ଏଠି କିନ୍ତୁ କଳାହାଣ୍ଡିର ମା' ବିକ୍ରି କରୁଛି ତାର କ୍ଷୀରଖିଆ ଛୁଆଟିକୁ । କେଉଁ ଦାରୁଣ ଦୁଃଖର ତାଡନାରେ ? ଏ ଦୁଃଖର ହେତୁ କେଉଁଠି ? ଲେଖକମାନେ ବିଚାର କରନ୍ତି କାହିଁକି କିଏ ଅବ୍ୟବସ୍ଥାର ବ୍ୟବସ୍ଥା ସୃଷ୍ଟି କରିଛି କି ?

ଦୁର୍ନୀତି ସଂପ୍ରତି ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଯାଇଚି । ପ୍ରଧାନମନ୍ତ୍ରୀଠାରୁ ଆରମ୍ଭକରି ଚପରାଶୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଆତଙ୍କିତ କରିରଖିଛି ଦୁର୍ନୀତିର ବଦନାମ । ଲେଖକମାନେ ମଧ୍ୟ ବାଦ ନୁହଁନ୍ତି । ଲେଖକମାନେ ଯଦି କୌଣସି ନା କୌଣସି କାମରେ ଦୁର୍ନୀତିରେ ଲିପ୍ତ ଥାଆନ୍ତି–ସେମାନେ କେବେହେଲେ ଲଢି ପାରିବେ ନାହିଁ । ଦୁର୍ନୀତି କେବଳ ଲାଂଚ ନେବାକୁ ବୁଝାଏ ନାହିଁ– ଯେତେପ୍ରକାର ଅନୀତି କାର୍ଯ୍ୟକୁ ଦୁର୍ନୀତି କୁହାଯାଏ ।

ଦୁର୍ନୀତିର ମୂଳୋତ୍ପାଟନ ନ ହେଲେ ସମାଜ ଧ୍ୱଂସମୁଖୀ ହେବାକୁ ବାଧ୍ୟ, ଦୁର୍ନୀତି ବିରୋଧୀ ଲେଖା ଆଉ ଲେଖକଙ୍କ କଲମ ମୁନରୁ ବାହାରୁନାହିଁ, ଲେଖକମାନଙ୍କ ନାଡିନକ୍ଷେତ୍ର ଠିକ୍‌ଠାକ୍ ଅଛି ବୋଲି ବିଶ୍ୱାସ ହେଉନାହିଁ । ବର୍ତ୍ତମାନ ଆଖିଆଗରେ ଯାହାସବୁ ଦିଶିଯାଉଛି, ସେଥିରେ ଜଳକା ହେବା ଛଡା ଅନ୍ୟଗତି ନାହିଁ ଲେଖକମାନଙ୍କର । ପତ୍ରପତ୍ରିକାଠାରୁ ପୁସ୍ତକ ପର୍ଯ୍ୟନ୍ତ ଯାହାସବୁ ପଠନୀୟ ସାମଗ୍ରୀ ମିଳୁଛି, ସେଥିରେ ଅଧିକାଂଶ ନିମ୍ନରୁଚିର ନିନ୍ଦନୀୟ ପ୍ରଦର୍ଶନ । ବ୍ଲୁ ଫିଲ୍ମର କୁତ୍ସିତ କାମୋଦ୍ଦୀପକ ଆଭିମୁଖ୍ୟ ଓ ଏଲୋ ଜର୍ଣ୍ଣାଲିଜମ୍‌ର ହୋ-ହାଲ୍ଲାଧର୍ମୀ ହଟଚମଟ ସହିତ ତାଳ ଦେବାକୁ ବସିଛି ଆଜିର ଲେଖକ । ଜ୍ଞାନ, ଅଭିଜ୍ଞାନ ଓ ଆଭିମୁଖ୍ୟର ପ୍ରଚଣ୍ଡ ଦୁର୍ବଳତା ହେତୁ ଓଡିଶାରେ ଯୋଗ୍ୟ ଲେଖକ ଉଠୁରି ପାରୁନାହାନ୍ତି ।

ସାହିତ୍ୟର ଆତ୍ମାକୁ ଉଦ୍ଧାର କରାଯିବାର ଅଭିଯାନ ଆରମ୍ଭ ହେଉ ଏବଠୁ । ସାହିତ୍ୟକୁ ବାରବଧୂ ନ କରି ସୁଗୃହିଣୀର ସମ୍ମାନ ଓ ସାଂଭ୍ରାନ୍ତ୍ୟରେ ଭୂଷିତ କରିବାର ଦାୟିତ୍ୱ ସାହିତ୍ୟିକମାନଙ୍କର । ବିରାଟ ବୁଭୁକ୍ଷୁ ସମାଜର ଦୀର୍ଘଶ୍ୱାସକୁ ଉପେକ୍ଷା କରି ମୁଷ୍ଟିମେୟ ମାନସଭୋଜ୍ୟ ନହେଉ ସାହିତ୍ୟିକର ସୃଷ୍ଟି ।

*-ଯାଜପୁର ରୋଡ, ଯାଜପୁର,*
*ମୋ: ୯୮୬୧୦୩୪୧୬୩*

# ଭାରତୀୟ ସଭ୍ୟତା ଓ ସଂସ୍କୃତି



ଆମ ଭାରତ ହେଉଛି ଏକ ପବିତ୍ର ଦେବଭୂମି । ଏହି ପବିତ୍ର ଦେବଭୂମିରେ ଅସଂଖ୍ୟ ଜ୍ଞାନୀ, ଗୁଣୀ, ଋଷି, ଯୋଗୀ, ସନ୍ୟାସୀ ଓ ଧର୍ମପ୍ରାଣ ମହାପୁରୁଷ ମାନେ ଜନ୍ମ ଗ୍ରହଣ କରିଛନ୍ତି । ଭାରତ ହେଉଛି ସେହି ପୁଣ୍ୟ ଭୂମି ଯେଉଁଠାରେ ଶ୍ରୀ ଶଙ୍କର, ଶ୍ରୀରାମାନୁଜଙ୍କ ପରି ବହୁ ଆଚାର୍ଯ୍ୟଗଣ ବା ଆଧ୍ୟାତ୍ମିକ ଗୁରୁଗଣ, କବୀର, ରାମଦାସ, ତୁକାରାମ, ଗୌରାଙ୍ଗ ମହାପ୍ରଭୁଙ୍କ ପରି ବହୁ ସନ୍ଥ, ଜ୍ଞାନଦେବ, ଦତ୍ତାତ୍ରୟ, ସଦାଶିବ ବ୍ରହ୍ମାଙ୍କ ଭଳି ବହୁଯୋଗୀ, ବୁଦ୍ଧ ଓ ଗୁରୁନାନକଙ୍କ ଭଳି ବହୁ ମହାପୁରୁଷ ଜନ୍ମଗ୍ରହଣ କରିଛନ୍ତି । ଆମ ଭାରତ ତାର ଅମୃତର ସନ୍ତାନ ଗୁରୁଗୋବିନ୍ଦ ସିଂହ ଓ ଶିବାଜୀଙ୍କ ପାଇଁ ଗର୍ବିତ । ଭୋଜରାଜା ଓ ବିକ୍ରମାଦିତ୍ୟଙ୍କ ପାଇଁ ଗର୍ବିତ । ଏହା ସହିତ ଶଙ୍କର, କବୀର, କାଳିଦାସ ଓ ଆଦିକବି ବାଲ୍ମୀକୀଙ୍କ ପାଇଁ ଗର୍ବିତ । ମର୍ଯ୍ୟାଦା ପୁରୁଷୋତ୍ତମ ଓ ଲୀଳା ପୁରୁଷୋତ୍ତମ ରାମଚନ୍ଦ୍ର ଓ କୃଷ୍ଣଚନ୍ଦ୍ରଙ୍କ ପାଇଁ ଏ ଭାରତର ପବିତ୍ର ମାଟି ଦେବଭୂମିରେ ପରିଣତ । ଅଯୋଧ୍ୟା ଓ ବୃନ୍ଦାବନର ପବିତ୍ରମାଟି ଏବେବି ଅସଂଖ୍ୟ ବ୍ୟକ୍ତିଙ୍କର ହୃଦୟକୁ ପବିତ୍ର କରେ । ଏମାଟି ମଧ୍ୟ ମହମ୍ମଦ ଓ ଯୀଶୁଖ୍ରୀଷ୍ଟଙ୍କ ପାଇଁ ଗର୍ବିତ ଯେଉଁ ଯୀଶୁ ଅଦୃଶ୍ୟ ହେବା ସମୟରେ କାଶ୍ମୀରରେ ବାସ କରି ଭାରତୀୟ ଯୋଗୀମାନଙ୍କ ଠାରୁ ଯୋଗଶିକ୍ଷା କରିଥିଲେ । ଏହି ପବିତ୍ର ଭାରତ ଭୂମିରେ ଅନେକ ପୂଣ୍ୟତୋୟା ନଦୀ ଓ ଶକ୍ତିଶାଳୀ ଆଧ୍ୟାତ୍ମିକ ସ୍ପନ୍ଦନ ଅଛି । ଏ ଦେଶର ଭୂମି ବିଶେଷ ଭାବରେ ଐଶ୍ୱରିକ ସାଧନ ଓ ଯୋଗାଭ୍ୟାସ ପାଇଁ ଉପଯୋଗୀ । ଶୁଭ୍ର ହିମାଳୟ ସମଗ୍ର ପୃଥିବୀର ଜନତାଙ୍କୁ ଆକର୍ଷଣ କରିଥାଏ । ଭାରତ ଏକ ଆଧ୍ୟାତ୍ମିକ ଦେଶ । ହିନ୍ଦୁ ଜୀବନର ସକଳ ବିଭାଗକୁ ଧର୍ମ ପରିଚାଳନାକରେ । ବାସ୍ତବ ମୁକ୍ତିର ଉତ୍କର୍ଷ ସାଧନ କରିବାପାଇଁ ଧର୍ମ ତାକୁ ସବୁଠାରୁ ବେଶୀ ବୁଝିବାର ଶକ୍ତି ପ୍ରଦାନ କରିଥାଏ । ଏହି ଭାରତରେ ହିଁ କେବଳ ପ୍ରତ୍ୟେକ ବ୍ୟକ୍ତି ଦର୍ଶନ ବିଷୟରେ କିଛିନା କିଛି ଜାଣନ୍ତି ।

ଭାରତୀୟ ସଭ୍ୟତାର ଏକ ବିରାଟ ଇତିହାସ ଅଛି । ବିଶ୍ୱ ଇତିହାସକୁ ଏହା ପ୍ରତ୍ୟେକ କ୍ଷେତ୍ରରେ ପ୍ରଭାବିତ କରିଛି । ହିନ୍ଦୁମାନଙ୍କ ଧର୍ମ ଅନେକ ସହସ୍ର ସହସ୍ର ବର୍ଷ ପୁରାତନ । ପାଶ୍ଚାତ୍ୟବାସୀଙ୍କର ପୂର୍ବପୁରୁଷମାନେ ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଅସଭ୍ୟ ଆଦିମ ଥିଲେ । ସେତେବେଳେ ଭାରତର ସଭ୍ୟତା ଓ ସଂସ୍କୃତ ଉନ୍ନତ ଥିଲା । ପ୍ରାଚୀନ କାଳରେ ହିନ୍ଦୁ ସଂସ୍କୃତି ଓ ହିନ୍ଦୁ ସଭ୍ୟତା ତାର ଶୀର୍ଷ ସ୍ଥାନରେ ଥିଲା । ଗ୍ରୀସ୍ ଓ ରୋମୀୟମାନେ ହିନ୍ଦୁମାନଙ୍କୁ ଅନୁକରଣ କରିବା ସହ ହିନ୍ଦୁ ଚିନ୍ତାଧାରାକୁ ଗ୍ରହଣ କରିଥିଲେ । ଧର୍ମ ଓ ସତ୍ୟକୁ କେନ୍ଦ୍ରକରି ଭାରତୀୟ ସଂସ୍କୃତ ଗଠିତ । ଭାରତ ହେଉଛି ଧର୍ମଭୂମି । ତାର ଶ୍ୱାସ ପ୍ରଶ୍ୱାସ ହେଉଛି ଧର୍ମ । ଧର୍ମ ଭାରତକୁ ରକ୍ଷା କଲାଭଳି ଭାରତ ଧର୍ମକୁ ରକ୍ଷାକରେ ।

ଇତିହାସ ପ୍ରାରମ୍ଭରୁ ହିଁ ଆତ୍ମସଂଯମ ଓ ଇନ୍ଦ୍ରିୟ ସକଳ ଉପରେ ପ୍ରଭୁତ୍ୱ । ଆଧ୍ୟାତ୍ମିକତା ଭାରତୀୟ ସଂସ୍କୃତିର ମୌଳିକ ନୀତି ତଥା ଚାବିକାଠି ରୂପେ ରହିଆସିଛି । ଭାରତର ଲକ୍ଷ୍ୟ ହେଉଛି ଜ୍ଞାନ ଓ ତ୍ୟାଗ ମାଧ୍ୟମରେ ଈଶ୍ୱରଙ୍କୁ ଅନୁଭବ କରିବା । ଭାରତ ହେଉଛି ଏଭଳି ଏକ ଉଦ୍ୟାନ, ଯାହା ମାନବ ଜାତିର ଏକତ୍ୱ ଏବଂ ବିଶ୍ୱଭ୍ରାତୃତ୍ୱ- ପରିଚୟର ବୀଜରୁ ସୃଷ୍ଟି । ସାଧୁତା, ପ୍ରେମ, ପୁଣ୍ୟ, ସଦ୍‌ଗୁଣ ଏବଂ ସହିଷ୍ଣୁତା ରୂପକ ପୁଷ୍ପଗୁଡ଼ିକର ସୁବାସରେ ସମୃଦ୍ଧ ଅଟେ । ମାନବ ଜାତିର ଏକତା ଓ ଧର୍ମର ବିଶ୍ୱବ୍ୟାପକତା ହେଉଛି ଭାରତୀୟ ପରମ୍ପରାରେ ବିଶେଷତା । ସହିଷ୍ଣୁ ଦେଶ ଭାବରେ ଭାରତ ମହାନ୍ । ସେ ସକଳ ରାଷ୍ଟ୍ରକୁ ତାର ପ୍ରେମ ରଜ୍ଜୁରେ ବାନ୍ଧିରଖିବାକୁ ସତତ ଚେଷ୍ଟିତ । ପାଶ୍ଚାତ୍ୟ ସଂସ୍କୃତି ହେଉଛି କେବଳ ପାଶ୍ଚାତ୍ୟବାସୀଙ୍କର ଆତ୍ମୋନ୍ନତି ପାଇଁ; ମାତ୍ର ପ୍ରାଚ୍ୟ ସଂସ୍କୃତି ହେଉଛି ସମଗ୍ର ବିଶ୍ୱପାଇଁ, ପାଶ୍ଚାତ୍ୟ ସଂସ୍କୃତି ମନକୁ ବାହ୍ୟ ଆଡ଼କୁ ଟାଣିନେଇଥିବାବେଳେ ପ୍ରାଚ୍ୟ ସଂସ୍କୃତି ମନକୁ ଅଭ୍ୟନ୍ତରକୁ ଟାଣିଦେଇଥାଏ । ପାଶ୍ଚାତ୍ୟ ସଂସ୍କସ୍କୃତି ଅହଙ୍କାର ବୃଦ୍ଧି କରୁଥିବାବେଳେ ପ୍ରାଚ୍ୟ ସଂସ୍କୃତି ଅହଙ୍କାର ନାଶକରେ ଓ ବିଶ୍ୱବ୍ୟାପକ ଆଡ଼କୁ ବାଟ କଢାଏ । ପାଶ୍ଚାତ୍ୟ ହେଉଛି ପସ୍ତୁବାଦୀ ପ୍ରାଚ୍ୟ ହେଉଛି ଆଧ୍ୟାତ୍ମବାଦୀ । ବସ୍ତୁର ଶକ୍ତିରୁ ବିଜ୍ଞାନର ଜନ୍ମ ଏବଂ ଆଧ୍ୟାତ୍ମିକ ଶକ୍ତିର ଯୋଗର ଜନ୍ମ ।

ମାନସିକ ଓ ଆଧ୍ୟାତ୍ମିକ ସଂସ୍କୃତି ରୂପରେ ଭାରତ ବିଶ୍ୱକୁ ବହୁତ କିଛି ଦେଇଛି । ପ୍ରାଚୀନ ଭାରତର ମୁନିଋଷିମାନେ ଆଧ୍ୟାତ୍ମିକ ଜ୍ଞାନର ଆନନ୍ଦ ଲାଭ କରି ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା ସହ ନିଜର ଦିବ୍ୟ ଜ୍ଞାନରେ ବିଶ୍ୱକୁ ଆଲୋକିତ କରିଥିଲେ । ଭାରତର ମୁନିଋଷିମାନେ ଯେଉଁ ଆଧ୍ୟାତ୍ମିକ ଶାସ୍ତ୍ର ରଚନା କରି ଯାଇଛନ୍ତି, ତାହା ଯୁଗ ଯୁଗ ଧରି ଅସୀମ ପ୍ରଭାକୁ ଚିର ବଜାୟ ରଖିବ । ପ୍ରାଚୀନ ଭାରତର ସାଧକ ମାନଙ୍କର ଶିକ୍ଷାଦାନ ବାସ୍ତବରେ ଖୁବ୍ ସାର୍ବଜନୀନ । 'ଯୋଗ' ସାଧନା ସମଗ୍ର ବିଶ୍ୱର ଅନ୍ତର୍ଗତ । ସେଗୁଡ଼ିକ ମଧ୍ୟ ଅନ୍ତଃସ୍ଥଳ ପାଇଁ କର୍ମୋପଯୋଗୀ । ବିଶ୍ୱର ଯୁଦ୍ଧ ବିଭୀଷିକା, ଆତଙ୍କବାଦୀ ଆକ୍ରମଣ ଓ କଳଙ୍କିତ ବାତାବରଣ ଆଡୁ ବର୍ତ୍ତମାନ ବହୁବ୍ୟକ୍ତି ଭାରତ ଆଡ଼କୁ ମୁହାଁଇଲେଣି । ଭାରତ ତାର ଅଦ୍ୱୈତ ବେଦାନ୍ତ ଦର୍ଶନ, ଗୀତା ଓ ଉପନିଷଦରେ ଥିବା ଦିବ୍ୟଜ୍ଞାନ ସେମାନଙ୍କୁ ଆକୃଷ୍ଟ କରିଛି । ଭାରତ ହେଉଛି ଏଭଳି ଏକ ମହାନ ଦେଶ ଯେକି ତା'ର ଗୌରବୋଜ୍ଜ୍ୱଳ ଐକ୍ୟ ଯୋଗୁ ସମସ୍ତଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରିପାରିବା ସହ ସମସ୍ତିଙ୍କୁ ସମୃଦ୍ଧି, ଶାନ୍ତି ଓ ଚିରନ୍ତନ ସୁଖ ଆଡ଼କୁ ଆଗେଇ ନେଇପାରିବ । ଭାରତ କେବଳ ପୃଥିବୀକୁ ଉତ୍ତମ ବୁଝାମଣା, ଐକ୍ୟ, ଭ୍ରାତୃତ୍ୱ ଓ ଶାନ୍ତି ଆଡ଼କୁ ମାର୍ଗଦର୍ଶନ ଦେଖାଇବା ପାଇଁ ସକ୍ଷମ । ବର୍ତ୍ତମାନ ଭାରତର ସମସ୍ୟା ଉତ୍କଟ । ଋଣ ଭାରରେ ଭାରତ ବୁଡ଼ିଯାଇଛି । ସ୍ୱାଧୀନ ଭାରତରେ ଆଜି ଦାରିଦ୍ର୍ୟ, ଅଜ୍ଞତା ଓ ଅର୍ଥନୈତିକ ସଙ୍କଟ ଆଦି ସମସ୍ୟା ସକଳ ଏବେ ମଧ୍ୟ ଅସମାହିତ ହୋଇରହିଛି । ଭାରତୀୟ ଜାତୀୟ ଜୀବନର ଧାରାକୁ କଳୁଷିତ ଓ ବିଷାକ୍ତ କରୁଥିବା ଉପାଦାନଗୁଡ଼ିକ ମୂଳରୁ ହିଁ ଉତ୍ପାଟନ କରିବା ଉଚିତ । ଭାରତର ଶିକ୍ଷାପଦ୍ଧତି ବର୍ତ୍ତମାନ ବିପର୍ଯ୍ୟସ୍ତ । ଯେଉଁ ଭାରତ ଦିନେ ସମଗ୍ର ବିଶ୍ୱର ଉଦାହରଣ ହୋଇଥିଲା, ଆଜି ସେହି ଭାରତ ଅନେକ ସମସ୍ୟାର ବୁଢିଆଣୀ ଜାଲଭିତରେ ଛନ୍ଦି ହୋଇଯାଇଛି । ଏଥିରୁ ମୁକ୍ତି ପାଇବାକୁ ହେଲେ ଆଧ୍ୟାତ୍ମିକ ଶକ୍ତିଉପରେ ନିର୍ଭର କରି ଆତ୍ମା ଓ ଐଶ୍ୱରିକ ସତ୍ତା ବଳରେ ଜ୍ଞାନ, ସମୃଦ୍ଧି, ଶକ୍ତି ଓ ଶାନ୍ତିର ଭିତି ପ୍ରସ୍ତର ସ୍ଥାପନ କରିବାକୁ ହେବ । ଭାରତବର୍ଷର ଆଧ୍ୟାତ୍ମିକ ସଂସ୍କୃତିର ଆଧାରରେ ଏକ ଚିରନ୍ତନ ବତୀଘର ଆଲୋକ ହୁଅ ଏବଂ ଆଦର୍ଶ ହିନ୍ଦୁର ଆଦର୍ଶ ବ୍ୟକ୍ତିଗତ ଓ ସାମାଜିକ ଜୀବନଯାପନ କରିପାରିଲେ ଭାରତ ନିଶ୍ଚିତ ଭାବେ ଉଚ୍ଚାଙ୍ଗ ଶୃଙ୍ଗକୁ ଛୁଇଁବ ।

**ଉମାଶଙ୍କର ପ୍ରସାଦ**, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର,
ଭଗତ ଲେନ୍, ମେନ୍ ରୋଡ୍, ଖୋର୍ଦ୍ଧା, ମୋ: ୮୯୫୫୪୭୪୯୦

# ପରିବର୍ତ୍ତିତ ଜୀବନ ଚିତ୍ର



ଭାରତର ଆତ୍ମିକ ବୈଭବ ଦିନେ ଗ୍ରାମ୍ୟ ସଭ୍ୟତାର ସରଳତା ଭିତରେ ଅଗ୍ରଗତିର ମାର୍ଗ ନିର୍ଣ୍ଣୟ କରୁଥିଲା । କିନ୍ତୁ ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିଃସଙ୍ଗ ଉପତ୍ୟକାରେ ରୂପାନ୍ତରିତ । ସମ୍ପର୍କର ଅବିଚ୍ଛେଦ୍ୟ ଅଂଗ ଆଜି ଶିଥିଳ । ଆଧ୍ୟାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟା ବିସ୍ତାର କରିଛି । ଅଗ୍ରଗତି ନାମରେ ଯେଉଁ ବିଷ ମଞ୍ଜି ରୋପଣ କରାଯାଇଛି; ତାହାର ପ୍ରଭାବ ସର୍ବତ୍ର ସୃଷ୍ଟି କରିଛି ବିଭୀଷିକାମୟ ଦୃଶ୍ୟ । ଆଜି ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପଡ଼ିଥିବା ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ସ୍ୱାର୍ଥ ପାରିବାରିକ ସଂପର୍କ ଭିତରେ ଠିଆ କରାଇଛି ପାଚେରୀ । ଏପରିକି ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି । ଚିଲମର ଧୂଆଁର ବାସ୍ନାରେ, ମାଦକ ଦ୍ରବ୍ୟର ଆକର୍ଷଣରେ ଯୁବଗୋଷ୍ଠୀ ମନ୍ଦିର ଆସୁଥାନ୍ତି ବା କ୍ଲବଘରେ ରାତି କାଟନ୍ତି । ଯୁବଶ୍ରେଣୀର ଏପରି ଦିଗଭ୍ରଷ୍ଟ କାରବାର ଗ୍ରାମ୍ୟ ଜୀବନକୁ ଆଜି ସଂକ୍ରମିତ କରିଛି । ଯେତତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷରେ ବିଲରେ ଲଙ୍ଗଳ କଣ୍ଟି ଧରିବା ଆଉ ସମ୍ଭବ ହେଉନାହିଁ । ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ । ସନ୍ଧ୍ୟାରେ ଚିଲମ ଧୂଆଁରେ ଭଜନ କୀର୍ତ୍ତନ; ତା'ପରେ କ୍ଲବ୍ ଘରେ କଟେ ଜୀବନ । ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି । ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ରାଜନୀତିର ପଶାପାଲିରେ ସାଧାରଣ ଜନତା ହେଉଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ । ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି । ସ୍ୱାର୍ଥସର୍ବସ୍ୱ ଏ ପୃଥିବୀରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର ହୋଇପଡ଼ିଛନ୍ତି । ବାସ୍ତବିକ କହିବାକୁ ଗଲେ; ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସଂପ୍ରୀତିର ପୃଥିବୀ ହୋଇପଡ଼ିଛି ଓଲଟପାଲଟ । ଆଜି ପରିବର୍ତ୍ତନର ସୁଅରେ ସବୁ ପାରମ୍ପରିକ ମୂଲ୍ୟବୋଧ ହୋଇପଡ଼ିଛି ଅଚଳ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । କେଉଁଠାରେ ସଫଳତା ପାଇଁ ରାଜନୀତିକୁ ଅସ୍ତ୍ର ଭାବରେ ଗ୍ରହଣ କରିଛି ତ; ଅନ୍ୟ କେଉଁଠାରେ ଧର୍ମକୁ ଢାଲ କରି ମୁକ୍ତିର ମାର୍ଗ ଖୋଜିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା' ସମୂହରେ ପାଇଛି ସ୍ୱୀକୃତି । ପରିଶେଷରେ କେବଳ ଏତିକି କହିବି–ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,**
ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭, ସଂପର୍କ: ୮୯୫୧୪୧୭୨୭




# ସବୁଜିମା ଭିତରେ ସୁବର୍ଣ୍ଣର ଚିହ୍ନ ଧାନ

ଫାଲଗୁନର ଫଲ୍‌ଗୁରେ କ୍ଷେତକୁ କର୍ଷଣରେ କର୍ଷିତ କରେ କୃଷକ । ହଳକର୍ଷିତ ଭୂମିରେ ଦେଖାଦିଏ ବର୍ଷିତ ଜଳର ସମାହାର । ମାଟିରେ ଆସେ ବାସ୍ନା । କୃଷକର ମନରେ ଆନନ୍ଦର ଉନ୍ମେଷ । ବିପିତ ବିହନ ସବୁ ଗଜା ମେଲେ, ଆଉ କୃଷକ ମନରେ ଆଶା ସଂଚାର କରି ଆରମ୍ଭ ହୋଇଯାଏ ବୁଣା ବେଉଷଣ ପରବ । ସବୁ ଆବେଗ ଓ ଉତ୍ତରଣକୁ ଆଧାର କରି ଶେଷରେ ଖେଳିଯାଏ ସବୁଜିମାର



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ରଙ୍ଗବିଭା । ଭାରତୀୟ ସଭ୍ୟତାର ମାନଦଣ୍ଡ କୃଷି । 'ଅନ୍ନାଦ୍ ଭବନ୍ତି ଭୂତାନି'ର ବାର୍ତ୍ତା- କୃଷିର ଆଦ୍ୟ ଓଁକାର, ଜୀବନର ଷଠିଘର..... କର୍ଷଣରୁ କୃଷି । 'କୃଷି' ମୌସୁମୀ ବାୟୁର ଜୁଆଖେଳ.... ଭାରତ ପରି କୃଷି ପ୍ରଧାନ ଦେଶରେ 'ଜୟ କିଶାନ' ଏବେ ଅତ୍ୟନ୍ତ ଅବହେଳିତ, ବାରଦୁଆର ଶୁଣ୍ଡିପିଣ୍ଡା ହୋଇ ପେଟର ଭୋକ ମେଣ୍ଟାଇବା ପାଇଁ ଋଣ କରେ...... ଶୁଝି ନପାରିଲେ ଆତ୍ମହତ୍ୟା....!! ଆଜି ସବୁଜ ବିପ୍ଳବର କାଣ୍ଡାରିମାନେ ରାଜପଥ ଉପରେ ବିପ୍ଳବର ଚକ୍ରବାଳରେ । ତିନିଥର କୃଷିକର୍ମଣ ପୁରସ୍କାରରେ ପୁରସ୍କୃତ ଆମ ଓଡ଼ିଶା। ଓଡ଼ିଶାର ୭୦ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ। ଏହାରି ଭିତରେ ଶସ୍ୟଜାତୀୟ ଫସଲ ଉତ୍ପାଦନର ଚାହିଦା ଟିକେ ବେଶୀ। ସ୍ୱାବଲମ୍ବୀ ହେବାର ନୂଆ ପରିଚୟ ଆମକୁ ଶସ୍ୟଜାତୀୟ ଫସଲରୁ ହିଁ ମିଳେ। ଏହି ପରିପ୍ରେକ୍ଷୀରେ ଧାନ ଚାଷର ଗୁରୁତ୍ୱ ଢ଼େର ଅଧିକ। ଜମିରେ ପାଚିଲା କେଣ୍ଡା ସାଙ୍ଗକୁ ସବୁଜିମାର ସ୍ୱର୍ଶ ସତରେ ନିଆରା। ସେଇ ଧାନ ଚାଷକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା...

ବିଶ୍ୱର ଶତକଡ଼ା ୬୦ଭାଗ ଲୋକଙ୍କର ମୁଖ୍ୟ ଆହାର ରୂପେ ଧାନ ହିଁ ଗଣାଯାଏ। ଭାରତରେ ଶସ୍ୟଜାତୀୟ ଫସଲ ଉତ୍ପାଦନ ମଧ୍ୟରେ ଧାନର ସ୍ଥାନ ପ୍ରଥମ। ଧାନରେ ଥିବା ପ୍ରୋଟିନର ନାମ ଓରାଇଜିନ୍'। ଭାରତରେ ଉତ୍ପାଦନ କ୍ଷେତ୍ରରେ ପଶ୍ଚିମବଙ୍ଗର ସ୍ଥାନ ପ୍ରଥମ।
ବିଶ୍ୱର ପ୍ରଥମ ବାମନ କିସମ ଧାନର ନାମ - ଝଘ -୧
ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ , କଟକରୁ ବାହାରିଥିବା ଧାନ କିସମ- ମାଳିଙ୍ଗା , ମସୁରୀ
ଜୀବାଣୁ ଜନିତ ପତ୍ରପୋଡ଼ା ରୋଗ ସହନଶୀଳ କିସମ- ଟିକେଏମ୍ -୬
ପ୍ରଥମ ବାସୁମତୀ ହାଇବ୍ରିଡ଼୍ କିସମ- ପି.ଆର.ଏଚ୍ - ୧୦
କିସମ - କଲ୍ୟାଣୀ -୨ , ଅମଳ ସମୟ - ୬୨ଦିନ , ନିଆରା ଗୁଣ - ଅତି ସଅଳ କିସମ
କିସମ- କଳିଙ୍ଗ -୩, ଅମଳ ସମୟ - ୮୦ଦିନ , ନିଆରା ଗୁଣ - ମହିସା , ପତ୍ରଚିତା ରୋଗ ସହନଶୀଳ

ଓ ଖାଦ୍ୟ ପଦାର୍ଥ ସଂଗ୍ରହ କରିଥାଏ , ସେମିତି ଧାନ ବି ମାଟିରୁ ସେଇ ଉପାଦାନ ସଂଗ୍ରହ କରେ। ଇତି ମଧ୍ୟରେ ମାଟିର ଉର୍ବରତା ଉପରେ ଗୁରୁତ୍ୱ ଦେବା ବିଧେୟ। ଧାନ ଚାଷ ପାଇଁ କାଦୁଆ ମାଟି ବିଶେଷ ଉପଯୋଗୀ କାରଣ କାଦୁଆ ମାଟିର ଉର୍ବରତା ଅଧିକ। ଏତଦଭିନ୍ନ ଯେଉଁ କାଦୁଆ ମାଟିରେ ଜୈବ ପଦାର୍ଥ ଅଧିକ ପରିମାଣରେ ଥାଏ , ସେ ମାଟିରେ ଭଲ ଧାନ ଚାଷ ହୋଇଥାଏ। କାରଣ ଏହାର ଜଳଧାରଣ କରିବାର କ୍ଷମତା ଅଧିକ ଥାଏ।

ମୃତ୍ତିକାର ଅମ୍ଳତା ବା କ୍ଷାରତା ଦୃଷ୍ଟିକୋଣରୁ ବିଚାର କଲେ ଅମ୍ଳୀୟ ମାଟିରେ ଧାନ ଫସଲ ବେଶ ଭଲ ଭାବେ ହୋଇଥାଏ। ଆମ ରାଜ୍ୟରେ ଢ଼ିପ ଜମିମାନ ବହୁ ପରିମାଣରେ ଅଛି। ଓଡ଼ିଶାର ଚାଷୀମାନେ ଏହି ଜମିମାନଙ୍କରେ ମଧ୍ୟ ଧାନ ଚାଷ କରିଥାନ୍ତି। କିନ୍ତୁ ଏହା ଦେଖାଯାଇଛି ଯେ ଢ଼ିପ ଜମିରେ ଧାନ ଚାଷ କଲେ ଅମଳ ଠିକ ଭାବେ ମିଳି ନଥାଏ। ବରଂ ସେ ଜମିରେ



### ଧାନ ଚାଷର ବିସ୍ତୃତ ବିବରଣୀ

ଧାନ - ଓଡ଼ିଶାର ମୁଖ୍ୟ ଫସଲ ଭାବେ ବେଶ ଜଣାଶୁଣା। ଖରିଫ ଋତୁର ପ୍ରମୁଖ ଫସଲ ଭାବେ ଏହାକୁ ଚାଷ କରାଯାଇଥାଏ। ଏବେ ଧାନ ଚାଷ କରିବାର ସମୟ ଆସିଗଲେଣି। ଚାଷୀ ବି ପ୍ରସ୍ତୁତ ବେଶ କିଛି ଅମଳ କରିବା ପାଇଁ। ଏସବୁ ଭିତରେ ଧାନ ଚାଷ ପାଇଁ ପ୍ରମୁଖ ଉପାଦାନ ଜମି କିସମ ଅଟେ। କେଉଁ ଜମିରେ ଏହା ବେଶ୍ ଉନ୍ନତ



ମାନରେ ହୋଇପାରିବ, କେଉଁଥିରେ ନୁହଁ ସେସବୁ ଜାଣିବା ନିହାତି ଆବଶ୍ୟକ। ତେବେ ଧାନ ଫସଲ ସାଧାରଣତଃ ମଟାଳ ମାଟିଠୁ ଆରମ୍ଭ କରି କାଦୁଆ ମାଟିରେ ବି ଚାଷ କରାଯାଇଥାଏ। ଫସଲ ଯେମିତି ମାଟିରୁ ପାଣି

ଧାନ ଛଡ଼ା ମୁଗ,ବିରି ଆଦି ଫସଲ ଚାଷ କଲେ ଅଧିକ ଅମଳ ମିଳେ। ଏହା ଛଡ଼ା ଖାଲ ଜମି ମାନଙ୍କରେ ମଧ୍ୟ ଧାନ ଚାଷ କରାଯାଏ। ତେବେ ଉପଯୁକ୍ତ ସାର , ଖତର ପ୍ରୟୋଗ ହେଲେ ଅମଳର ମାତ୍ରା ବୃଦ୍ଧି ପାଏ। ଏହି ଜମିରେ ଧାନ କିସମ ଯଥା - ସୁଫଳା , ପାରିଜାତ ପ୍ରଭୃତି ଚାଷ କଲେ ୧୦୦ ରୁ ୧୧୦ ଦିନ ଭିତରେ ଅମଳ ହୋଇଥାଏ। ତେବେ ଢ଼ିପ ଜମି ଅପେକ୍ଷା ଖାଲ ଜମିରେ ଚାଷ କଲେ ଭଲ ସୁଫଳ ମିଳିଥାଏ। କାରଣ ଯଦିଓ ମରୁଡ଼ି ହୁଏ, ଖାଲ ଜମିମାନଙ୍କରେ ପାଣି ଶାଘ୍ର ଶୁଖୁ ନଥିବାରୁ ଫସଲ ନଷ୍ଟ ସହଜରେ ହୁଏ ନାହିଁ।

### ଜମି ପ୍ରସ୍ତୁତି

ଖରାଟିଆ ଚାଷ ଅତ୍ୟନ୍ତ ଉପାଦେୟ ଅଟେ। କିସମ ଅନୁଯାୟୀ ଜମି ପ୍ରସ୍ତୁତି କରିବା ଆବଶ୍ୟକ। ଲଙ୍ଗଳ କିମ୍ବା ଟ୍ରାକ୍ଟର ସାହାଯ୍ୟରେ ୨-୩ ଓଡ଼ ଖରାଟିଆ ଚାଷ କରାଯାଏ। ଢ଼ିପ ଜମିରେ ଭଲ ବର୍ଷା ହେବା ପରେ ୨-୩ ଓଡ଼ ଚାଷ କରାଯାଇ ମାଟିକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ଶେଷ ଓଡ଼ ଚାଷ ସମୟରେ ୫ଟନ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ। ସବୁଜ ସାର ହିସାବରେ ଧଣିଚା ମଂଜିକୁ ବୁଣିଲେ ଉର୍ବରତା ବୃଦ୍ଧି ପାଏ। ଏକର ପ୍ରତି ୧୦କିଗ୍ରା ଧଣିଚା ମଂଜି ବୁଣିବା ଉଚିତ୍। ଧାନ ଫସଲ ରୋଇବା ପୂର୍ବରୁ ତଳି ପ୍ରସ୍ତୁତ କରାଯାଇଥାଏ। କିନ୍ତୁ କେତେକ କ୍ଷେତ୍ରରେ ଏଥିରେ ପରିଚାଳନାରେ ପରିବର୍ତ୍ତନ ଦେଖାଯାଇଥାଏ। ଯାହା ଦ୍ୱାରା ଫସଲର ଗୁଣାତ୍ମକ ମାନ ହ୍ରାସ ପାଇଥାଏ। ସୁତରାଂ ଏଥିପାଇଁ ତଳିଘେରା ଦୁଇ ପ୍ରକାର ଉପାୟରେ ପ୍ରସ୍ତୁତ କରାଯାଇଥାଏ। ଯଥା- ଶୁଖିଲା ତଳିଘେରା ଓ କାଦୁଅ ତଳିଘେରା।

**ଶୁଖିଲା ତଳିଘେରା**

ବର୍ଷାଦିନିଆ ଧାନଚାଷ ପାଇଁ ଶୁଖିଲା ତଳିଘରା ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏକ ଏକର ଜମି ରୋଇବାକୁ ୧୦ ଡ଼ିସିମିଲ୍ ଜମିରେ ତଳୀ ପକାନ୍ତୁ। ତଳି କିଆରିକୁ ଭଲରୂପେ ଚାଷକରି ଘାସବାଛି ମାଟି ଗୁଣ୍ଡ କରନ୍ତୁ। ୩ଫୁଟ ଚଉଡ଼ା,୬ ଇଂଚ ଉଚ୍ଚା ଓ ସୁବିଧା ଅନୁସାରେ ଏମ୍ପା କରି ପିଟି ତିଆରି କରନ୍ତୁ। ଦୁଇ ପଟି ମଝିରେ ୧ଫୁଟ ଓସାରର ପାଣି ନାଳ ରଖନ୍ତୁ। ୧୦ ଡ଼ିସିମିଲ ତଳିପଟିରେ ୪୦ ଝୁଡ଼ି ସଢ଼ା ଗୋବର ଖତ, ୧୨ କିଗ୍ରା ଫସଫେଟ୍ ଓ ୨ କିଗ୍ରା ପଟାସ ସାର ମାଟିରେ ମିଶାନ୍ତୁ। ଧାଡ଼ିରେ ଧାନ ବୁଣି ମାଟି ଘୋଡ଼ାଇ ଦିଅନ୍ତୁ। ୧୦ ଡ଼ିସିମିଲ ତଳିଘେରାରେ ୨୫କିଗ୍ରା ବିହନ ଆବଶ୍ୟକ ହୋଇଥାଏ।

**କାଦୁଅ ତଳିଘେରା**

ତଳକିଆରୀକୁ ଭଲ ଭାବେ କାଦୁଅକରି ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ଶୁଖିଲା ତଳିଘରା ଭଳି ଖତ ସାର ଦେଇ ମାଟିରେ ମିଶାନ୍ତୁ। ଏହା ପରେ ଧାନ ବିହନୁ ତଳିପଟିରେ ବୁଣନ୍ତୁ। ବିହନରୁ ଅଗାଡ଼ି ଆଦି ବାହାରକରିବା ପାଇଁ ପ୍ରତି ୧ଲିଟର ପାଣିରେ ୧୬୫ଗ୍ରାମ ଲୁଣ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଧାନ ବିହନକୁ ଲୁଣ ପାଣିରେ ପକାନ୍ତୁ।

ପାଣି ଉପରେ ଭାସୁଥିବା ଧାନୁ ଛାଣି ବାହାରକଲା ପରେ ବୁଡ଼ି ରହିଥିବା ଧାନକୁ ପରିଷ୍କାର କରି ପାଣିରେ ଧୁଅନ୍ତୁ। ଏହା ପରେ ବିହନକୁ ୨୪ଘଣ୍ଟା ପାଣିରେ ଭିଜାଇ ତାକୁ ଛାଣି ପାଣି ନିଗିଡ଼ିଲା ପରେ ପକ୍କା ଚଟାଣରେ ବା ମାଟି ଉପରେ ପଲିଥିନ ଜରି ପକାଇ ତା ଉପରେ ବିହନକୁ ଓଦା ଅଖା ଢ଼ାଙ୍କି ଦିଅନ୍ତୁ। ଏହା ଦ୍ୱାରା ମଂଜି ଉଷୁମ ପାଇ ଶୀଘ୍ର ଗଜା ହୁଏ। ଗାଲିଗଜା ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

**ତଳିର ଉପଯୁକ୍ତ ଯତ୍ନ**

ବିହନ ବୁଣିବାର ପ୍ରଥମ କିଛି ଦିନ ପର୍ଯ୍ୟନ୍ତ ତଳିପଟିକୁ କେବଳ ଓଦା ରଖନ୍ତୁ। ଧାନ ଗଜା ବଢ଼ିଗଲେ ୨-୩ ଇଂଚ ପର୍ଯ୍ୟନ୍ତ ଠିଆପାଣି ବାନ୍ଧି ରଖନ୍ତୁ। ଗଜାହେବାର ୧୫ଦିନ ପରେ ୧୦ ଡ଼ିସିମିଲ ତଳିପଟି ପାଇଁ ୪ କିଗ୍ରା ୟୁରିଆ ସାର ପକାନ୍ତୁ। ଏହା ଦ୍ୱାରା ତଳି ହୃଷ୍ଟପୁଷ୍ଟ ହୋଇ ବଢ଼ିବ। ତଳିକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ତଳି ଉପାଡ଼ିବାର ଏକ ସପ୍ତାହ ପୂର୍ବରୁ ୧୦ ଡ଼ିସିମିଲ ତଳିପଟିରେ ୧୨୦୦ ଗାମେ କାର୍ବୋଫ୍ୟୁରାନ ପଟିରେ ପ୍ରୟୋଗ କରନ୍ତୁ। ତଳି ଉପାଡ଼ିବାର ଦିନକ ପୂର୍ବରୁ ତଳିପଟିରେ ପାଣି ମଡ଼ାନ୍ତୁ।

**ଶ୍ରୀ ପଦ୍ଧତିରେ ଧାନ ଚାଷ**

ଶ୍ରୀ' ପଦ୍ଧତି ଏକ ଉନ୍ନତ ଚାଷ ପ୍ରଣାଳୀ ଅଟେ। ବିଭିନ୍ନ ଉପାଦାନ ଯଥା ମୃତ୍ତିକା, ଜଳସେଚନ, ସାର ଏବଂ ଧାନର କିସମରେ ଉପଯୁକ୍ତ ପରିଚାଳନା କରାଯାଇ କମ୍ ଖର୍ଚ୍ଚରେ ଅଧିକ ଅମଳ କରାଯାଇପାରିବ। ଶ୍ରୀ ଧାନ ସାଧାରଣ ଧାନ ଅପେକ୍ଷା ୫୦-୮୦ ପ୍ରତିଶତ ପର୍ଯ୍ୟନ୍ତ ଜଳ ସଂରକ୍ଷଣ କରିଥାଏ। ସାଧାରଣତଃ ଏହା ଅଧିକ ପାରିଶ୍ରମିକ ଏବଂ ଉପଯୁକ୍ତ ଯତ୍ନ ଆବଶ୍ୟକ କରିଥାଏ।

ଚାଷ ପାଇଁ ଆବଶ୍ୟକୀୟ ଉପାଦାନ:

**ବିହନ ପରିମାଣ**



ଶ୍ରୀ ପଦ୍ଧତିରେ ଚାଷ କରିବା ପାଇଁ ହେକ୍ଟର ପିଛା ୭-୮ କି.ଗ୍ରା ବିହନର ଆବଶ୍ୟକତା ପଡ଼ିଥାଏ ଯାହାକି ଅନ୍ୟ ପଦ୍ଧତି ଅପେକ୍ଷା ବହୁତ କମ୍।

ସାଧାରଣ ଧାନ ଅପେକ୍ଷା ଶ୍ରୀ ପଦ୍ଧତି ଧାନର ଉପକାରିତା
- ପ୍ରଥମତଃ ଏହା କମ୍ ବିହନ ଏବଂ କମ ଜଳ ଆବଶ୍ୟକ କରେ।
- ତଳିଘେରାର ଆକାର କମ ହେବା ସହ ଅଳ୍ପ ଦିନ ବ୍ୟବଧାନରେ ତଳି ଅମଳ କରାଯାଇଥାଏ।
- ଗଛପ୍ରତି ୩୦ରୁ ଅଧିକ କେଣ୍ଡା ବାହାରିଥାଏ ଯାହାକି ସାଧାରଣ ଧାନ ଅପେକ୍ଷା ବହୁତ ଅଧିକ ହୋଇଥାଏ।
- ଏହି ପଦ୍ଧତିରେ ରୋଗ ପୋକ ସଂକ୍ରମଣର ଆଶଙ୍କା କମ ହୋଇଥାଏ।
- ଜୈବିକ ଖତ ସାର ପ୍ରୟୋଗ ହେତୁ ରସାୟନିକ ସାର ମଧ୍ୟ କମ ପରିମାଣରେ ଆବଶ୍ୟକ ହୋଇଥାଏ।
- ଜମିରେ ପାଣି ନ ଜମିବା ହେତୁ ଗଛ ସଢ଼ିବାର ଭୟ ନ ଥାଏ।
- ଶ୍ରୀ ପଦ୍ଧତିରେ ସାଧାରଣ ଧାନ ଅପେକ୍ଷା ଅଧିକ ଲାଭ ବାହାରିଥାଏ।



### ଧାନ ଫସଲର ସମନ୍ୱିତ ପରିଚାଳନା

**ମହିସା ରୋଗ :**

ଧାନର ପ୍ରମୁଖ ରୋଗ ମାନଙ୍କ ମଧ୍ୟରେ ମହିସା ରୋଗ ସବୁଠୁ ଅଧିକ ନଷ୍ଟ କରିଥାଏ । ଏହା ମୁଖ୍ୟତଃ କବକ ଦ୍ୱାରା ହୋଇଥାଏ । ଏହା ଧାନର ସର୍ବାଧିକ କ୍ଷତି କରାଇଥାଏ । ମୁଖ୍ୟତଃ ପାଇରୀକୁଲାରିଆ କବକ ଦ୍ୱାରା ହୋଇଥାଏ ।

**ଲକ୍ଷଣ :**

ଧାନ ଗଛରେ ଏଇ ରୋଗ ହେଉଥିଲେ ପ୍ରଥମେ ଧାନର ପତ୍ର ଉପରେ ଆଖି ପରି ପାଣିପଶା ଦାଗ ଦେଖାଯାଏ । ପରେ ଏହା ବାଦାମୀ ରଙ୍ଗ ହୋଇଯାଏ । ମୁଖ୍ୟ ଭାବରେ ଜୁଲାଇ ମାସରେ ଆରମ୍ଭରେ ଦେଖାଯାଏ ଓ ମଝିଅଂଶ ପାଉଁଶିଆ ହୋଇଯାଏ । ଯେଉଁ ସ୍ଥାନରେ ଏହି ରୋଗ ଦେଖାଯାଏ ସେଇ ଧାନକେଣ୍ଡା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ ।

**ସମାଧାନ :**

- ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା।
- ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ି ଦେବା ଆବଶ୍ୟକ।

**ବାଦାମୀ ପତ୍ରଚିତା ରୋଗ**

ଏହା ବି ଏକ କବକ ଜନିତ ରୋଗ । ୧୯୪୩ ମସିହାରେ ବେଙ୍ଗଲରେ ହୋଇଥିବା ବେଙ୍ଗଲ ଫେମାଇନ ଏହି କବକ ପାଇଁ ହୋଇଥିଲା ।

ଲକ୍ଷଣ :

ଏହି ରୋଗ ହେଲେ ଧାନ ପତ୍ରରେ ଅଣ୍ଡା ପ୍ରକୃତିର ବାଦାମୀ ଚିହ୍ନ ଦେଖାଯାଏ । ଏହା ସହିତ ପତ୍ରର ଉପର ପାର୍ଶ୍ୱରେ ଗୋଲାକାର ଚିହ୍ନ ଦେଖାଯାଏ । ମୁଖ୍ୟତଃ ପଟାସ ଅଭାବ ଥିବା ଜମିରେ ଏହି ରୋଗ ବେସି ମାତ୍ରାରେ ଦେଖାଯାଏ । ଏହି କବକ ଧାନ ଚାରାର ବହୁତ କ୍ଷତି କରିଥାଏ। ଅଧିକ ଆଦ୍ରତା ଆଉ ୨୦ ରୁ ୨୫ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହାୟକ ।

ସମାଧାନ :
- କିଆରୀ ହୁଡ଼ା ସଫା ରଖିବା ସହ ଘାସ ଉପାଡ଼ି ଦେବା ।
- ଏହି ରୋଗ ସହନଶୀଳ କିସମ ବ୍ୟବହାର କରିବା ।
- ଖରାଟିଆ ଚାଷ କରିବା ।
- ବିହନକୁ ଥିରାମରେ ବିଶୋଧନ କରିବା ।
- ଏଥିସହିତ କର୍ବେଣ୍ଡଜୀମକୁ ପ୍ରୟୋଗ କରିବା ।

**ଜୈବିକ କୃଷିରେ କଳାବତୀ ଧାନ**

-

କଣ ପାଇଁ ନିଆରା ଏ କଳାବତୀ ଧାନ-

୧.ଅତି ପୁରାତନ ଦେଶୀ ଧାନ।

୨.ଏହା ସମ୍ଭ୍ରାନ୍ତ ବା ରାଜପରିବାରର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା,ମାତ୍ର ସାଧାରଣଙ୍କ ପାଇଁ ବାରଣ ଥିଲା।

୩.Emperors rice Or Forbidden Rice ଭାବେ ଜଣାଶୁଣା।

୪.ଅନ୍ୟ ଧାନ ଠାରୁ ସମ୍ପୂର୍ଣ୍ଣ ଅଲଗା ଏବଂ ଏହା ଔଷଧୀୟ ଗୁଣରେ ଭରପୁର। କଳାବତୀ ଧାନର ଚାଉଳରେ ଫାଇବର, ପ୍ରୋଟିନ୍, ଆଇରନ୍, ଭିଟାମିନ-ଇ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟରେ ପରିପୂର୍ଣ୍ଣ ହୋଇ ଅଛି।

୫.ଏହି ଚାଉଳକୁ ବୋଲି କୁହାଯାଏ।

୬.ଡ଼ାଇବେଟିସ୍,କ୍ୟାନ୍ସର,ଓଜନ କମାଇବା,ରକ୍ତସଫା କରିବାର ଏହା ଏକ ପ୍ରମୁଖ ଅସ୍ତ୍ର।

୭.ଏହା ଛଡ଼ା ଶରୀର ତଚା ବୃଦ୍ଧି,ଦୃଷ୍ଟିଶକ୍ତି ବୃଦ୍ଧି ସହ କିଡ଼ନୀକୁ ସତେଜ ରଖେ।

୮.ଏହା ଡ଼ିଟକ୍ସିଫାୟର ରୂପେ କାମ କରେ।

**କେମିତି କରିବା ଚାଷ**


୧.ଉର୍ବର,ଅଳ୍ପ ଖାଲୁଆ ଏବଂ ପବନ କମ୍ ବହୁଥିବା ଜମି ଆବଶ୍ୟକ।

୨.୧ ଏକର ପାଇଁ ୫ କିଲୋ ବିହନ ଲାଗିଥାଏ।

୩.ଜୁନ୍ ପ୍ରଥମ ସପ୍ତାହରୁ ତଳି ପଡ଼ିଥାଏ।

୪.ଶ୍ରୀ ପଦ୍ଧତି ଓ ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀରେ ଚାଷ ହୋଇଥାଏ।






# ସୁସ୍ଥ ଜଗତିକରଣ ପ୍ରକ୍ରିୟାରେ ସାମାଜିକ ନ୍ୟାୟର ବ୍ୟବସ୍ଥା



କୌଣସି ବ୍ୟକ୍ତିର ସୁସ୍ଥତା କହିଲେ ଶାରୀରିକ, ମାନସିକ, ସାଂସ୍କୃତିକ ଏବଂ ସାମାଜିକ ସୁସ୍ଥତାକୁ ବୁଝାଏ। ସାମାଜିକ ସୁସ୍ଥତା ହେଉଛି ସେହି ସୁସ୍ଥତା, ଯାହାକି ଜଣେ ବ୍ୟକ୍ତି ଅଭାବ ଏବଂ ଅନାଟନର ଦୂରରେ ରହି ସୁଖ ଏବଂ ଶାନ୍ତିରେ ସମାଜରେ ବସବାସ କରିପାରିବ। ସାମାଜିକ ସୁସ୍ଥତାର ବାଧକ ହେଉଛି ଦାରିଦ୍ର୍ୟ, କିଛି ବଂଚିତ ବା ବର୍ଜିତ କାରଣ ତଥା ବେକାରୀ ସମସ୍ୟା। କୌଣସି ପ୍ରକାରେ ଏହି ତିନୋଟି ଆବଶ୍ୟକ କୌଣସି ବ୍ୟକ୍ତି ପାଖରେ ପହଞ୍ଚି ପାରିଲେ, ଏ ସମସ୍ୟା ରହିବନାହିଁ। ନୋହିଲେ ଏହାହିଁ ଆମ ଦୁଃଖର କାରଣ । ସମାଜରେ ଏ ନେଇ ବୈଷମ୍ୟ ରହିଥିବା ହେତୁ ଏବଂ ଜଣଙ୍କ ପାଖରେ ତା'ର ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଏବଂ ବାସଗୃହର ଅଭାବ ରହିବା କାରଣରୁ ସେ ସାମାଜିକ ସ୍ୱାସ୍ଥ୍ୟ ପାଇପାରେନାହିଁ। ଏହିପ୍ରକାର ବ୍ୟକ୍ତିମାନେ ସମାଜରେ ବଡ଼ ଦୟନୀୟ ଅବସ୍ଥାରେ ବାସ କରନ୍ତି। ଏ ବିଶ୍ୱରେ ଏହିପରି ଅନେକ ବଂଚିତ ଅଥବା ବର୍ଜିତ ଗୋଷ୍ଠୀ ଦୈନନ୍ଦିନ ବହୁଦୁଃଖରେ କାଳାତିପାତ କରନ୍ତି। ବିଶ୍ୱର ଏହି ଦୁଃଖ ଦେଖି ସନ୍ଥ କବି ଭୀମଭୋଇ ଆର୍ତ୍ତନାଦ ସ୍ୱରରେ ଯେଉଁ ପଂକ୍ତିଟି ଗାଇ ଉଠୁଥିଲେ:- ***''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ/ଏ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।।''***

ଭୀମଭୋଇଙ୍କର ଏହି ଉକ୍ତିଟି ଜାତିସଂଘର ସନନ୍ଦ ସ୍ତମ୍ଭରେ ଲିଖିତ ହୋଇଅଛି ଯାହାର ଅର୍ଥ ହେଉଛି ଆସ ଏହି ଅନ୍ଧ କବିଙ୍କ ଲକ୍ଷ୍ୟରେ ବିଶ୍ୱର ମଂଗଳ ପାଇଁ କାନ୍ଦିବା ଏବଂ ସେମାନଙ୍କ ପିଣ୍ଡ ପାଇଁ ମଣ୍ଡ ଯୋଗାଇଦେବା ପୂର୍ବକ ସେମାନଙ୍କଠୁ ଆନନ୍ଦର ହସ ଟିକିଏ ଦାବି କରିବା। ସୁସ୍ଥ ଜଗତିକରଣ ପ୍ରକ୍ରିୟାରେ ସାମାଜିକ ସୁସ୍ଥତା ପାଇଁ ସାମାଜିକ ନ୍ୟାୟ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ସାମାଜିକ ନ୍ୟାୟ ବିଶ୍ୱସ୍ତରରେ କାର୍ଯ୍ୟକାରୀ ହେଲେ ବିଶ୍ୱରେ ଦାରିଦ୍ର୍ୟ, ବେକାରୀ ବା ବର୍ଜିତ ସମସ୍ୟା ରହିବ ନାହିଁ। ଏହାକୁ ଆଖି ଆଗରେ ରଖି ଏବଂ ଏଥିଜନିତ ସକଳ ସମସ୍ୟାର ସମାଧାନ ଏବଂ ଉନ୍ନତିକଳ୍ପେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ୨୬ ନଭେମ୍ବର ୨୦୦୭ରେ ଘୋଷଣାନାମା ହୋଇଅଛି ଏବଂ ଏହି ଘୋଷଣାନାମା ଅନୁସାରେ ପ୍ରତିବର୍ଷ ୨୦ ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ରୂପେ ପାଳିତ ହେବାକୁ ନିଷ୍ପତ୍ତି ହୋଇଛି ଏବଂ ଏହା ୨୦୦୯ଠାରୁ ପାଳିତ ହୋଇଆସୁଛି। ମିଳିତ ଜାତିସଂଘର ଶିଖର ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ବିଶ୍ୱରେ ସାମାଜିକ ପ୍ରଗତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ସାମାଜିକ ପ୍ରଗତି ଯଥାକ୍ରମେ ସାମାଜିକ ନ୍ୟାୟ, ସଂହତି, ପାରସ୍ପରିକ ନିର୍ଭରଶୀଳତା ଏବଂ ସମାନତା ଉପରେ ଗୁରୁତ୍ୱ ଦିଏ। ପୁନଶ୍ଚ ସାମାଜିକ ନ୍ୟାୟ, ସମତା ଏବଂ ନିରପେକ୍ଷତା ମିଶି ସମାଜର ମୌଳିକ ମୂଲ୍ୟବୋଧର ଉପଯୋଗିତାକୁ ବୁଝାଏ। ମିଳିତ ଜାତିସଂଘ ମତରେ ଆମେ ଏମିତି ଏକ ସମାଜ ଚାହୁଁ, ଯାହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିବ (A Society for all) ଯେଉଁଠି ପ୍ରତିଟି ବ୍ୟକ୍ତି ତା'ର ସାମାଜିକ ନ୍ୟାୟ ଜାତୀୟ, ଆଞ୍ଚଳିକ ଏବଂ ଆର୍ନ୍ତଜାତିକ ସ୍ତରରେ ଉପଲବ୍ଧି ହେଉଥିବ। ଏହି ସାମାଜିକ ନ୍ୟାୟମତେ ପ୍ରତିଟି ବ୍ୟକ୍ତି ସେ ଅଞ୍ଚଳ ବା ଦେଶ ଅଥବା ବିଶ୍ୱର ଅର୍ଜନ ଏବଂ ସଂପଦର ସମ୍ୟ ବଣ୍ଟନର ଉପଭୋଗ୍ୟତା ଲାଭ କରୁଥିବ ଯେଉଁଥିରେ ନିରପେକ୍ଷତା, ସମାନତା ଏବଂ ସମାନ ସୁଯୋଗ ସମସ୍ତଙ୍କୁ ଉପଲବ୍ଧ ଥିବ। ସମସ୍ତଙ୍କ ପାଇଁ ଗୋଟିଏ ସମାଜ ସାଧାରଣତଃ ସାମାଜିକ ନ୍ୟାୟ ଏବଂ ମାନବିକ ଅଧିକାର ତଥା ମୌଳିକ ସ୍ୱାଧୀନତା ଉପରେ ସମ୍ମାନ ଦେଇ ଆଧାରିତ ଥିବ।

ବିଶ୍ୱର ଦେଶ-ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧଶାଳୀ ସହାବସ୍ଥାନ ପଛରେ ସାମାଜିକ ନ୍ୟାୟ କାମ କରେ। ଏଇ ସାମାଜିକ ନ୍ୟାୟ ଲିଙ୍ଗ, ସ୍ଥାନ, ଦେଶାନ୍ତରୀକରଣ, ସ୍ଥାନାନ୍ତରୀକରଣ ତଥା ଅଧିଷ୍ଠାନର ଭେଦଭାବ ଊର୍ଦ୍ଧ୍ୱରେ ସର୍ବତ୍ର ସମାନ ଭାବରେ କାର୍ଯ୍ୟକରେ। ସାମାଜିକ ନ୍ୟାୟ ଠିକ୍ ଭାବରେ ସେଠି କାମ କରୁଛି ବୋଲି ଆମେ ଭାବିବା, ଯେତେବେଳେ ଏହା କୌଣସି ଦେଶର ସୀମା ସରହଦ ଡେଇଁ ଲିଙ୍ଗ, ବୟସ, ଜାତି, ଧର୍ମ, ସଂସ୍କୃତି, କ୍ଷମ ଏବଂ ଅକ୍ଷମ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ସମାନ ନ୍ୟାୟ ଯୋଗାଉଥିବ। ମଣିଷର ବ୍ୟକ୍ତିତ୍ୱ ଏବଂ ଉନ୍ନତିକଳ୍ପେ ଜଗତିକରଣ ପ୍ରକ୍ରିୟାରେ ଏହି ସାମାଜିକ ନ୍ୟାୟ ବିଶ୍ୱରେ ସର୍ବତ୍ର ସମାନ ଭାବରେ କାର୍ଯ୍ୟକରିବା ଉପରେ ଜାତିସଂଘ ଗୁରୁତ୍ୱ ଦିଏ। ବିଶ୍ୱବାସୀଙ୍କର ସୁଖ, ଶାନ୍ତି ଏବଂ ଉନ୍ନତିକଳ୍ପେ ଆଜିର ଏ ସଙ୍କୁଚିତ ପୃଥିବୀରେ, ଏ ବିଶ୍ୱ ଏକ ପରିବାର ନ୍ୟାୟରେ, ଆମେ ପ୍ରତିଟି ବ୍ୟକ୍ତି ସେ ପରିବାରର ସଦସ୍ୟ ବିଚାରରେ, ବଂଚିବାରେ ନିଶ୍ଚିତ ଭାବରେ ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଗତିକଳ୍ପେ କାର୍ଯ୍ୟ କରିବାରେ ସହାୟକ ହେବା ସହିତ ଦାରିଦ୍ର୍ୟ ନିରାକରଣ, ମାନବ ସମ୍ବଳର ଯଥାର୍ଥ ବିନିଯୋଗ, ବେକାରୀ ସମସ୍ୟାର ସମାଧାନ ଏବଂ ମନଲାଖି ଅଥବା ପସନ୍ଦ ମୁତାବକ କର୍ମ ସୁଯୋଗଲାଭ ପୂର୍ବକ ସବୁର ଊର୍ଦ୍ଧ୍ୱରେ ରହି ନିଜକୁ ସାମିଲ କରି ସାମାଜିକ ନ୍ୟାୟ ସର୍ଭିଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିପାରିଲେ, ଗୋଟିଏ ସୁସ୍ଥ ଏବଂ ବାସୋପଯୋଗୀ ବିଶ୍ୱଟିଏ ସୃଷ୍ଟି କରିହେବ। ଏହି ଉଦ୍ଦେଶ୍ୟ ନେଇ ମିଳିତ ଜାତିସଂଘ ତରଫରୁ ଆନ୍ତର୍ଜାତିକ ଶ୍ରମିକ ସଂଗଠନ କାମକରୁଅଛି। ଏହି ବିଶ୍ୱ ସାମାଜିକ ନ୍ୟାୟ ଦିବସଟିକୁ ମିଳିତ ଜାତିସଂଘର ୧୮୨ଟି ସଭ୍ୟରାଷ୍ଟ୍ର ପାଳନ କରନ୍ତି ଏବଂ ଏହି ଅବସରରେ ସାମାଜିକ ନ୍ୟାୟ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ ରଖିଥା'ନ୍ତି। ନିଜର ତଥା ବିଶ୍ୱର ମଂଗଳାର୍ଥେ ଆମ୍ଭେମାନେ ଏହାର ଅଂଶୀଦାର ହେବା ଉଚିତ୍।

**ବିପିନବିହାରୀ ମହାନ୍ତି, ବିକାଶ ନଗର, ଜଟଣୀ, ମୋ-୯୯୩୮୩୪୪୧୩୮**

# 'କୋଣାର୍କ ପରିବାର' ପକ୍ଷରୁ ଅସହାୟଙ୍କୁ ଖାଦ୍ୟ ପୁଡ଼ିଆ ବଣ୍ଟନ



କୋଣାର୍କ (ପିଏନ): ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଲଗାଣ ବର୍ଷା ଯୋଗୁଁ ପୁରୀ ଜିଲାର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜି ପର୍ଯ୍ୟନ୍ତ ବର୍ଷା ଜଳ ଜମିରହିଛି । ମୂଷଳ ଧାରାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ଲାଗିରହିବାରୁ ବର୍ଷାଜଳ ନିଷ୍କାସିତ ହୋଇ ନପାରି ଲୋକଙ୍କ ଘରେ ପାଣି ପଶିଯାଇଥିଲା । ଫଳରେ ଚାଳଛପର ଘର, କଚା ଘର, ମାଟି କାନ୍ଥ ଘର ଭୁଶୁଡ଼ି ପଡ଼ିଥିବା ବେଳେ ସେମାନେ ଭୋକ ଉପାସରେ ସ୍କୁଲ ଘର ଓ ବାତ୍ୟା ଆଶ୍ରୟ ସ୍ଥଳିରେ ଆଶ୍ରୟ ନେଇଥିଲେ । ପ୍ରକୃତିର ଏ କ୍ରୁର ତାଡନା ସମୟରେ ବିପନ୍ନ ଲୋକେ ନିରୁପାୟ ହୋଇ ନିରାପଦ ସ୍ଥାନରେ ଆଶ୍ରୟ ନେଇ ଈଶ୍ୱରଙ୍କୁ ଡାକୁଥିଲେ । ଭୋକ ଉପାସରେ ୭/୮ ଦିନ ପର୍ଯ୍ୟନ୍ତ ବର୍ଷା ଜଳ ଘେରରେ ରହିଥିବା ବିପନ୍ନ ଲୋକେ ସରକାରୀ ଓ ସ୍ୱେଚ୍ଛାସେବୀଙ୍କ ସହାୟତାକୁ ଅପେକ୍ଷା କରିଥିବା ବେଳେ ଠିକ୍ ଏହି ସମୟରେ ଦେବଦୂତ ସାଜି କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ । ପାଣି ଘେରରେ ଥିବା ଲୋକଙ୍କର ଦୁର୍ଦ୍ଦଶା ଦେଖି 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, ସତ୍ୟଜିତ ସାହୁ, ବିଶାଲ ନାୟକ, ସାଈ ଆୟୁସ ବେହେରା, ରାଜେନ୍ଦ୍ର ମଲ୍ଲିକ, ସାଗର ଜେନା, ପ୍ରତାପ ଜେନା, ହାପି ସାହ, ବଳରାମ ପାତ୍ର ଓ ରାଜେଶ ନାୟକ ପ୍ରମୁଖ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ଚୁଡା, ଚିନି, ବିସ୍କୁଟ, ଦିଆସିଲି, ମହମବତୀ, ମଶାଧୂପ ଇତ୍ୟାଦିର ଏକ ଶୁଖିଲା ଖାଦ୍ୟ ପୁଡ଼ିଆ ଯୋଗାଇ ଦେଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀମାନେ କାକଟପୁର ବ୍ଲକ ଅନ୍ତର୍ଗତ ବୌଲାଙ୍ଗ ଓ ଓଗାଳ ପଞ୍ଚାୟତରେ ଜଳବନ୍ଦୀରେ ଥିବା ପରିବାରଙ୍କ ଘରକୁ ଘର ଯାଇ ସହାୟତା ଯୋଗାଇ ଦେଇଥିଲେ । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତ୍ତିକୁ ଦେଖି ଲୋକେ ପ୍ରଶଂସା କରୁଛନ୍ତି ।

## ଗ୍ରୀନ୍ ୱାରିଅର୍ସ ଟ୍ରଷ୍ଟର ମିଶନ ଗ୍ରୀନ୍: ଏକାମ୍ର କଲେଜରେ ଚାରା ରୋପଣ

ଭୁବନେଶ୍ୱର (ପିଏନ): ଗ୍ରୀନ୍ ୱାରିଅର୍ସ ଟ୍ରଷ୍ଟ ପକ୍ଷରୁ ମିଶନ ଗ୍ରୀନ୍-୨୧ ପରିପ୍ରେକ୍ଷୀରେ ଏକାମ୍ର କଲେଜ ପରିସରରେ ବିଜେଡି ଲିଗାଲ ସେଲ ସହଯୋଗରେ ବ୍ୟାପକ ବୃକ୍ଷ ଚାରା ରୋପଣ କରାଯାଇଥିଲା । ଟ୍ରଷ୍ଟର ଅଧ୍ୟକ୍ଷ ନୃପେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଏଥିରେ ଲିଗାଲ ସେଲର ସଦସ୍ୟଗଣ, ବହୁ ମୁରବୀ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଏହି ଗଛକୁ ବଚାଂଇ ରଖିବା ପାଇଁ ପ୍ରତିଦିନ ପାଣି ଦିଆଯିବା ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି ।

# ପ୍ରଗତିପଥରେ ଛତିଶଗଡ଼ ନା ଓଡ଼ିଶା ?



ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଯେଉଁ ବିବାଦ ଲାଗି ରହିଛି ଓ ବାରମ୍ବାର ଏହି ସମ୍ବାଦ ଗଣମାଧ୍ୟମରେ ପ୍ରଚାର ହେଉଛି, ତାହାର ଗୋଟିଏ ସୁଫଳ ହେଉଛି, ପ୍ରଗତିର ସଂଜ୍ଞା କ'ଣ (?), ତାହା ଏହି ଅଳସୁଆ ଜାତି ଧୀରେଧୀରେ ବୁଝିବାକୁ ଲାଗିଛି। ଦୀର୍ଘବର୍ଷ ହେଲା ଏହି କୋଢିଆ ଜାତିକୁ ବିକାଶ କହିଲେ ଯେ, ମାଗଣା ଆହାର, ମାଗଣା ବିହାର (ତୀର୍ଥ ଯାତ୍ରା) ଓ ମାଗଣା ମରଣ (ହରିଶ୍ଚନ୍ଦ୍ର ଯୋଜନା), ମାଗଣା କମ୍ବଳ, ସାଇକେଲ୍, ଯୋତା ଓ ଲ୍ୟାପଟପ୍ ଆଦି ନୁହେଁ, ତାହା ଧୀରେ ଧୀରେ ଏ ଜାତି ବୁଝିବାକୁ ଲାଗିଛି। ମାଗଣା ଘର ଦେବା ଅପେକ୍ଷା ଯେ ଘର ତିଆରି କରିବାର କ୍ଷମତା ହାସଲ୍ କରିବା ନିହାତି ଜରୁରୀ, ତାହା ଏପର୍ଯ୍ୟନ୍ତ ଆମ ଲୋକେ ବୁଝିପାରୁନାହାନ୍ତି। ମାଗଣାରେ ସବୁ ପାଇ କାମ ନକରି ନୋଟ୍ ନେଇ ଭୋଟ୍ ଦେବା, ଗୋରୁ ମେଣ୍ଢା ଭଳି ନେତାମାନଙ୍କ ଡାକରାରେ ଟଙ୍କା ଶହେଟା ଓ ଭାତ-ଡ଼ାଲମା ଖାଇ ଟ୍ରକ୍‌ରେ ବୁହା ହୋଇ ସମାବେଶକୁ ଯିବା ଆମ ଜାତୀୟ ଚରିତ୍ରରେ ପରିଣତ ହୋଇଗଲାଣି। ସ୍ୱାଧୀନତା ବେଳକୁ ମଧ୍ୟ ପ୍ରଦେଶ ରାଜ୍ୟ ଆମ ଓଡ଼ିଶା ଠାରୁ ଆହୁରି ଅଧିକ ଅନୁନ୍ନତ ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶକୁ ନେଇ 'ବିଆଇଏମ୍ଏଆରଓ' (ବିମାରୁ) ଶବ୍ଦର ସୃଷ୍ଟି ହୋଇଥିଲା। ଏହି ରାଜ୍ୟଗୁଡ଼ିକ ଥିଲା ଅନଗ୍ରସରର ପ୍ରତୀକ। ୨୦୦୦ ମସିହାରେ ମଧ୍ୟପ୍ରଦେଶରୁ ଭାଗ ହୋଇ ଛତିଶଗଡ଼ ରାଜ୍ୟ ସୃଷ୍ଟି ହେଲା। ସେତେବେଳେ ଏହି ଲେଖକ ରାୟପୁରରେ ଥିଲାବେଳେ ଦେଖିଥିଲେ, ପୁଳେ ପୁରୁଣା ଆମ୍ବାସଡ଼ର ଗାଡ଼ିକୁ ଆଣି ସେଥିରେ ନାଲିବତୀ ଲଗାଇ ମନ୍ତ୍ରୀ ଓ ପଦସ୍ଥ ଅଧିକାରୀଙ୍କ ପାଇଁ ଯୋଗାଇବାର ବ୍ୟବସ୍ଥା କରା ଯାଇଥିଲା। ମନ୍ତ୍ରୀ ଓ ବିଧାୟକମାନେ ହୋଟେଲ୍‌ରେ ରହୁଥିଲେ। ଏହାମଧ୍ୟରେ ଛତିଶଗଡ଼ ଦ୍ରୁତଗତିରେ ଆଗେଇ ଚାଲିଛି। ଜଳସେଚନ ଓ ଜଳ ସଂରକ୍ଷଣ ପାଇଁ ସେମାନେ ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ବନ୍ଧ ନିର୍ମାଣ କରିସାରିଲେଣି। ରାଜ୍ୟର ସମସ୍ତ ଜମି ଜଳସେଚିତ ହୋଇପାରିଛି। ଶହ ଶହ ଶିଳ୍ପସଂସ୍ଥାକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଉଛି। ଗତ ଉମରକୋଟ ଉପ-ନିର୍ବାଚନ ବେଳେ ପ୍ରଚାର ପାଇଁ ଆସିଥିବା ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଛାତିରେ ହାତ ବାଡ଼େଇ କହିଥିଲେ ଯେ, ମୋ' ରାଜ୍ୟରେ କୌଣସି ଜଳବିଦ୍ୟୁତ୍ ପ୍ରକଳ୍ପ ନାହିଁ, ତଥାପି ମୋ' ରାଜ୍ୟରେ ପାୱାର କଟ୍ ନାହିଁ। ଅଥଚ ଓଡ଼ିଶାରେ ୬୦ ଦଶକରେ ମହାନଦୀ ବକ୍ଷରେ ହୀରାକୁଦ ବନ୍ଧ ନିର୍ମାଣ ହେବା ପରେ ଆମେ ଦ୍ୱିତୀୟ ବନ୍ଧ ବା ବ୍ୟାରେଜ୍‌ଟିଏ ନିର୍ମାଣ କରିବାରେ ଅସମର୍ଥ ହୋଇଛୁ। ମହାନଦୀର ପାଣି ଆମରି ଆଗରେ ହୀରାକୁଦ ଡ୍ୟାମ୍‌ରୁ ବାହାରି ସମୁଦ୍ରକୁ ବହିଯାଉଛି। କୂଳରେ ଥିବା ଗାଁଗଣ୍ଡାକୁ ବୁଡ଼ାଇ ଦେଉଛି। ମହାନଦୀର ଅନ୍ୟ ବୃହତ୍ତ ଉପନଦୀ ତେଲ୍ ଓ ଇବ୍ ନଦୀରେ ମଧ୍ୟ କୌଣସି ଯୋଜନା ହୋଇପାରିନାହିଁ। ଦୀର୍ଘବର୍ଷର ସ୍ଥିର ଶାସନ ପରେ ମଧ୍ୟ ଗୋଟିଏ ଇଞ୍ଚ୍ ଜମି ଅଧିକ ଜଳସେଚିତ ହୋଇପାରିନାହିଁ। ଏହାହିଁ ହେଉଛି, ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିକାଶର ପ୍ରଭେଦ। ମାଇକ୍ ଆଗରେ ରାଜ୍ୟ ପାଇଁ ଶେଷ ରକ୍ତବିନ୍ଦୁ ଦେବେ ବୋଲି ନେତାମାନେ ଯେଉଁ ଚିତ୍କାର ଛାଡ଼ୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ମନ୍ତ୍ରୀମାନେ ଦଳୀୟ କର୍ମୀ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନବାବୁ ଯେଭଳି ଖୁସି ହେବେ ସେଥିପାଇଁ ଏମାନେ ଦିନରାତି ଏକାକାର କରି ଦେଉଛନ୍ତି। ଶାସନ କଥା ବୁଝିବାକୁ କେହି ନାହିଁ। କ'ଣ ଗୋଟିଏ ଆଳ କରି ପଥପ୍ରାନ୍ତ ନାଟକ ଜାରି ରଖୁଛନ୍ତି। ଏଣେ ରାଜ୍ୟକୁ ଅପପୁଷ୍ଟି, ଡେଙ୍ଗୁ, ମ୍ୟାଲେରିଆ ଓ ଆନ୍ଥ୍ରାକ୍ସ ଗ୍ରାସ କରିସାରିଲାଣି। ଏସବୁ କ'ଣ ବିକାଶର ସଂଜ୍ଞା ? ବାସ୍ତବତା ଦେଖାଗଲେ, ବିକାଶର ବହୁ ପଛରେ ରହି ଗଲାଣି ଓଡ଼ିଶା।

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**
**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬**

# ମାତୃ ଓ ଶିଶୁମୃତ୍ୟୁ ହାର ରୋକିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ

ଭୁବନେଶ୍ୱର (ପିଏନ୍): ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବାରେ ଓଡ଼ିଶା ଅନ୍ୟ ଅଗ୍ରଣୀ ରାଜ୍ୟଗୁଡ଼ିକଠାରୁ ଆଗୁଆ ବୋଲି ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନେଇ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଏକ ରିପୋର୍ଟରେ ତଥ୍ୟ ଉଲ୍ଲେଖ କରିଛନ୍ତି। ବିଗତ ୨୦୧୪-୧୫ ଓ ୨୦୧୫-୧୬ ଆର୍ଥିକ ବର୍ଷକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ସୂଚନା ଥାଉକି ଏହି ରିପୋର୍ଟ ପ୍ରସ୍ତୁତିରେ ନବଜାତ ଶିଶୁମୃତ୍ୟୁହାର (ଏନ୍ଏମ୍ଆର), ମାତୃ ମୃତ୍ୟୁହାର (ଏମ୍ଏମ୍ଆର), ଡାକ୍ତରଖାନାରେ ସ୍ୱାସ୍ଥ୍ୟପଯୋଗୀ ଓ ନିରାପଦ ପ୍ରସବ, ସମ୍ପୂର୍ଣ୍ଣ ଟୀକାକରଣ, ଗର୍ଭବତୀଙ୍କୁ ନିମୋନିଆ, ଯକ୍ଷ୍ମାରୋଗର ସଫଳ ଚିକିତ୍ସା, ଏଚ୍ଆଇଭି ସଂକ୍ରମିତ ରୋଗୀଙ୍କର ଆଣ୍ଟିରିଟ୍ରୋଭାଇରାଲ ଥେରାପି, ଡାକ୍ତରଖାନାରେ ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚବିଶ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଆଦି ବିଷୟକୁ ମାନଦଣ୍ଡ ଭାବେ ନେଇ ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତଅଞ୍ଚଳରେ ଏହି ସର୍ଭେ କରାଯାଇଥିଲା। ଏହି ସର୍ଭେ ରିପୋର୍ଟରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ବୃହତ୍ ରାଜ୍ୟ, ମଧ୍ୟମ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବର୍ଗରେ ବିଭକ୍ତ କରାଯାଇଛି। ସେଥି ମଧ୍ୟରୁ ଏକୋଇଶଟି ବୃହତ୍ ରାଜ୍ୟ ବର୍ଗରେ ଓଡ଼ିଶା ସ୍ଥାନିତ ହେବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗୁଆ ରାଜ୍ୟରେ ପରିଣତ ହୋଇଛି। ଭାରତର ଅନ୍ୟତମ ସଫଳ, ପ୍ରଗତିଶୀଳ ଓ ଅଭିବୃଦ୍ଧିସମ୍ପନ୍ନ ରାଜ୍ୟ କୁହାଯାଉଥିବା ଏପରିକି ପ୍ରଧାନମନ୍ତ୍ରୀଙ୍କ ନିଜ ରାଜ୍ୟ ଗୁଜୁରାଟ, ତାମିଲନାଡୁ, ହରିଆନା, କେରଳ, ହିମାଚଳପ୍ରଦେଶ, କର୍ଣ୍ଣାଟକ ଓ ଛତିଶଗଡ଼ ଭଳି ରାଜ୍ୟ ତୁଳନାରେ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଥେଷ୍ଟ ଆଗରେ। ନୀତି ଆୟୋଗର ଏହି ରିପୋର୍ଟରେ ନବଜାତ ପିଲାମାନଙ୍କର ବିଧିବଦ୍ଧ ଭାବେ ସଠିକ୍ ସମୟରେ ପଞ୍ଜୀକରଣ, ସେମାନଙ୍କ ଜନ୍ମ ପଞ୍ଜୀକରଣ, ଦକ୍ଷ ଓ କର୍ମତତ୍ପର ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ଏଏନ୍ଏମ୍ ଓ ଷ୍ଟାଫ୍ ନର୍ସ ନିଯୁକ୍ତିରେ ଶତପ୍ରତିଶତ ପୂରଣ ସହ ଜିଲ୍ଲାସ୍ତରରେ ପ୍ରଶାସନିକ ସୁବିଧା ଆଦି କ୍ଷେତ୍ରରେ ଓଡ଼ିଶା ଆଶାନୁରୂପକ ପ୍ରଗତି କରିଛି। ଶିଶୁମୃତ୍ୟୁହାର ରୋକା ଯିବା ସହ ପ୍ରସୂତୀମାନଙ୍କୁ ସରକାରୀ ବିଧି ବ୍ୟବସ୍ଥିତ ସମସ୍ତ ପ୍ରକାର ସହାୟତା ଓ ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରୁଛି। ତାମିଲନାଡୁ, ବିହାର, କେରଳ ଓ ଦିଲ୍ଲୀ ଭଳି ଓଡ଼ିଶା ନ୍ୟାସନାଲ କ୍ୟାଲିଟ୍ ଏସୁରାନ୍ସ ଷ୍ଟାଣ୍ଡାର୍ଡ଼ ଅନୁଯାୟୀ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଆଶାନୁରୂପ ସଫଳତା ମଧ୍ୟ ପାଇଛି। କେବଳ ସେତିକି ନୁହେଁ ସଂପ୍ରତି ସାଧାରଣରେ ଭୟାବହତା ଦେଖାଇଥିବା ଯକ୍ଷ୍ମା ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇବାରେ ଓଡ଼ିଶା ଭାରତର ସ୍ୱାସ୍ଥ୍ୟ ଓ ପ୍ରଗତିଭିତ୍ତିକ ଆଗୁଆ ରାଜ୍ୟ ଭାବେ ପରିଚିତ କେରଳ, ମହାରାଷ୍ଟ୍ର, ଆନ୍ଧ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଓ ପଞ୍ଜାବକୁ ପଛରେ ପକାଇ ଉଲ୍ଲେଖନୀୟ ସଫଳତା ପାଇଛି। ଦିନଥିଲା ଡାକ୍ତରଖାନାରେ ସନ୍ତାନ ପ୍ରସବ କ୍ଷେତ୍ରରେ ଓଡ଼ିଶାକୁ ପଛୁଆ ଓ ଅବହେଳିତ ରାଜ୍ୟ ଭାବେ କୁହାଯାଉଥିଲା କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ନିଷ୍ଠାପର ଉଦ୍ୟମରେ ଏ ନେଇ ବ୍ୟାପକ ସୁଧାର ଆସିଛି। ୧୯୯୮-୯୯ରେ ଡାକ୍ତରଖାନାରେ ପ୍ରସବ ହାର ୨୨.୬% ଥିବାବେଳେ ୨୦୧୫-୧୬ରେ ଏହା ୮୫.୪% ବୃଦ୍ଧି ପାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବ୍ୟାପକ ଭାବରେ ସ୍ୱାସ୍ଥ୍ୟ ଅଭିବୃଦ୍ଧି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହିତ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସହଯୋଗ ନେଇ ଏ କ୍ଷେତ୍ରରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ୨୦୧୫-୧୬ରେ ଓଡ଼ିଶାର ୮୫.୪% ବୃଦ୍ଧିର ହାର ରହିଥିବାବେଳେ ଏହି ସମୟ ଅବଧି ଭିତରେ ଜାତୀୟ ହାର ରହିଛି ୭୮.୯%। ଏହି କ୍ଷେତ୍ରରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜୁରାଟ, ବିହାର ଓ ଅନ୍ୟ ରାଜ୍ୟ ଠାରୁ ଓଡ଼ିଶା ଯଥେଷ୍ଟ ଆଗୁଆ ରାଜ୍ୟ ଭାବେ ନିଜ ସ୍ୱତନ୍ତ୍ରତା ଜାହିର କରିପାରିଛି। ସେହିପରି ବିଭିନ୍ନ ଟୀକାକରଣ କାର୍ଯ୍ୟକ୍ରମକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉଥିବାବେଳେ ସମ୍ପୂର୍ଣ୍ଣ ଟୀକାକରଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅନ୍ୟ ଅଗ୍ରଣୀ ରାଜ୍ୟ ଠାରୁ ଆଗୁଆ ରହିଛି। ଏହି କ୍ଷେତ୍ରରେ ୨୦୦୯ରେ ଓଡ଼ିଶା ସର୍ବଭାରତୀୟସ୍ତରରେ ୧୬ନମ୍ବର ସ୍ଥାନରେ ଥିବାବେଳେ ୨୦୧୫-୧୬ରେ ବ୍ୟାପକ ସଫଳତା ପାଇ ସର୍ବ ଭାରତୀୟ କ୍ଷେତ୍ରରେ ନିଜ ସ୍ଥାନକୁ ପଞ୍ଚମରେ ରଖିବାରେ ସମର୍ଥ ହୋଇଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସେବା ୪(ଏନ୍ଏଫ୍ଏଚ୍ଏସ୍) ଅନୁଯାୟୀ ଓଡ଼ିଶାରେ ୨୦୦୦ ଶିଶୁ ମୃତ୍ୟୁହାର ପ୍ରତି ୧୦୦୦ରେ ୯୬ଜଣ ଶିଶୁ ମୃତ୍ୟୁ କରୁଥିବାବେଳେ ୨୦୧୫-୧୬ରେ ୪୦କୁ ଖସି ଆସିଛି। ସେହିପରି ମାତୃମୃତ୍ୟୁହାର ପ୍ରତି ୧ଲକ୍ଷରେ ୪୨୪ ଥିବାବେଳେ ବର୍ତ୍ତମାନ ଏହା ୨୨୨କୁ ଖସି ଆସିଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅନେକ ପ୍ରକଳ୍ପ ବିନା କେନ୍ଦ୍ରୀୟ ସହାୟତାରେ ନିଜସ୍ୱ ପାଣ୍ଠି ଉଦ୍ୟମରେ କାର୍ଯ୍ୟକାରୀ କରୁଛନ୍ତି। ସରକାରୀ ଡାକ୍ତରଖାନାର ଭିତ୍ତିଭୂମି ବଢ଼ା ଯିବା ସହ ନିଯୁକ୍ତି କ୍ଷେତ୍ରକୁ ସରଳୀକରଣ କରାଯାଇ ବିଭିନ୍ନ ପଦବୀ ପୂରଣ କରାଯାଉଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଇ ଓଡ଼ିଶା ଯେଉଁ ଅଗ୍ରଗତି କରିଚାଲୁଛି ତାହା ଜାତୀୟ ସ୍ତରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦନରେ ଯଥେଷ୍ଟ ନିଶ୍ଚୟ। ଏକ ଅଭିବୃଦ୍ଧି ଓ ପ୍ରଗତିଶୀଳ ସ୍ୱାସ୍ଥ୍ୟଭିତ୍ତିକ ରାଜ୍ୟର ବିକାଶରେ କେବଳ ସରକାରଙ୍କର ନୁହେଁ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ସହଯୋଗ ନିଶ୍ଚୟ ରହିଛି।

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ମନୋରମା ମହାପାତ୍ରଙ୍କ ବିୟୋଗରେ ଶୋକପ୍ରକାଶ

ଯାଜପୁର (ପିଏନ୍)-ଯାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସମାଜର ସମ୍ପାଦିକା ତଥା ବିଶିଷ୍ଟ ସମାଜସେବୀ ମନୋରମା ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରାଯାଇଛି । ସ୍ୱର୍ଗତଃ ମହାପାତ୍ର ଓଡ଼ିଶାର ଜଣେ ବିଶିଷ୍ଟ ଏବଂ ମହିୟସୀ ମହିଳା ଭାବରେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହେବା ସଙ୍ଗେ ସଙ୍ଗେ ସମାଜସେବା ଏବଂ ଓଡ଼ିଶାର ବନ୍ୟା, ବାତ୍ୟା, ବାତ୍ୟା, ମରୁଡ଼ି ସମୟରେ ସମାଜ ରିଲିଫ୍ ପାଣ୍ଠି ଜରିଆରେ ବହୁ ଲୋକଙ୍କୁ ସାହାଯ୍ୟ ସହଯୋଗ କରିଆସୁଥିଲେ । ଗରିବ ପିଲାଙ୍କର ପାଠପଢ଼ାଠାରୁ ଆରମ୍ଭ କରି ସମାଜର ଦଳିତ ଓ ନିଷ୍ପେସିତ ଲୋକମାନଙ୍କୁ ସେ ସହାୟତା ଦେଇ ଆସୁଥିଲେ । ତାଙ୍କର ବାଗ୍ମୀତା ଓଜସ୍ୱିନୀ ବକ୍ତୃତା ସମସ୍ତଙ୍କୁ ଚମତ୍କୃତ କରୁଥିଲା । ସେ ତାଙ୍କର ଦିବଂଗତ ପିତା ସ୍ୱର୍ଗତଃ ରାଧାନାଥଙ୍କର ପଦାଙ୍କ ଅନୁସରଣ କରି ସମାଜ ଅନୁଷ୍ଠାନକୁ ଆଜିପର୍ଯ୍ୟନ୍ତ ଚଳାଇ ଆସୁଥିଲେ । ସର୍ବ ପୁରାତନ ଖବରକାଗଜ ସମାଜର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରିବାପାଇଁ ସେ ଯୋଗ୍ୟ ଏବଂ ନିଃସ୍ୱାର୍ଥପର କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଥିଲେ । ତାଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପ୍ରତି ଯଥେଷ୍ଟ ଅବଦାନ ଥିଲା । ତାଙ୍କର ବିୟୋଗରେ ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦ, ଉପସଭାପତି ବିଭୂତି ମହାପାତ୍ର, ସମ୍ପାଦକ କାହ୍ନୁଚରଣ ମିଶ୍ର, ସଙ୍ଗଠନ ସମ୍ପାଦକ ହୃଷିକେଶ ପତି, ପାଣ୍ଡବ ଚରଣ ସାହୁ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଲକ୍ଷ୍ମୀପ୍ରିୟା ରାଉତରାୟ, ପ୍ରଫେସର ଉଦୟନାଥ ପରିଡ଼ା, ଅଧ୍ୟାପକ ମଳୟ କୁମାର ଜେନା, ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତି, ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଅଧ୍ୟକ୍ଷ ବିନୋଦ କୁମାର ନାୟକ, ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ଓମ୍ ପଣ୍ଡା, ବିଷ୍ଣୁ ଦଳେଇ, ବାଇଧର ମାଝୀ, ସଂଯୁକ୍ତା ମହାପାତ୍ର, ଆଡ଼ଭୋକେଟ୍ ନାରାୟଣ ପ୍ରସାଦ ପତି, ପ୍ରଭାତ କୁମାର ମଲ୍ଲିକ, ଜିତେନ୍ଦ୍ର ବେହେରା, ଚିନ୍ମୟ କୁମାର ଦାଶ ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ବନ୍ୟା ପ୍ରପୀଡ଼ିତ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ଯାଜପୁର (ପିଏନ୍)-ଯାଜପୁର ଓ ଦଶରଥପୁର ବ୍ଲକ୍‌ରେ ବୈତରଣୀ, କାଣୀ, ଗେଙ୍ଗୁଟି, ବୁଢ଼ା, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ଲଘୁଚାପଜନିତ ବର୍ଷାରେ ବନ୍ୟାଜଳ ଆସି ସମଗ୍ର ଧାନଚାଷ ଓ ପରିବା ଚାଷକୁ ନଷ୍ଟ କରିଦେଇଛି । କରୋନା ମହାମାରୀ ପ୍ରଭାବରେ ସମସ୍ତେ ଦୀର୍ଘ ୨ ବର୍ଷ ଧରି ଆର୍ଥିକ ଅନାଟନ ଦେଇ ଗତି କରିଆସୁଥିବାବେଳେ ସମବାୟ ଋଣ ଓ ଧାର ଉଧାର କରି ଚାଷ କରିଥିବା ଶସ୍ୟ ବଢ଼ି ପାଣିରେ ବୁଡ଼ିଯାଇ ପଚିଯିବା ଦ୍ୱାରା ଚାଷୀମାନେ ଋଣ କିପରି ଶୁଝିବେ ସେଥିପାଇଁ ମୁଣ୍ଡରେ ହାତଦେଇ ବସିଛନ୍ତି । ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ବନ୍ୟାଜଳ ଚାଷ ଜମିରୁ ଯାଇନାହିଁ । ବୈତରଣୀ ଓ କାଣୀ ନଦୀବନ୍ଧରେ ଘଳିଆ ଓ ଘାଇ ଯୋଗୁ ଶହ ଶହ ଏକର ଧାନଚାଷ ନଷ୍ଟ ହୋଇଯାଇଛି । କୃଷି ବିଭାଗ ତରଫରୁ ଏପର୍ଯ୍ୟନ୍ତ ଏ ବିଷୟରେ କ୍ଷତିଗ୍ରସ୍ତମାନଙ୍କର ସମ୍ପୂର୍ଣ୍ଣ ତଥ୍ୟ ହାସଲ କରାଯିବା ପାଇଁ ତତ୍ପରତା ପ୍ରକାଶ ପାଇନାହିଁ । ବର୍ଷ ବର୍ଷ ଧରି ଚାଷୀମାନଙ୍କୁ ଶସ୍ୟବୀମା ଅର୍ଥ କୃଷି ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ମିଳିପାରିନାହିଁ । ଚାଷୀ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ସମ୍ବଳ ପାଉନଥିବାରୁ ଏବଂ ଋଣ ଭାର ବୋଝ ଯୋଗୁ ଆଗାମୀ ଦିନରେ ଚାଷୀ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ଅସମ୍ଭବ ନୁହେଁ । ତେଣୁ ଜନମଙ୍ଗଳ ରାଷ୍ଟ୍ରରେ ଜନମାନଙ୍କର ହିତପାଇଁ ରାଜ୍ୟ ସରକାର ପ୍ରଶାସନ, ସମବାୟ ବିଭାଗ, କୃଷି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ବିଭିନ୍ନ ବୀମା କମ୍ପାନୀ ଓ ବ୍ୟାଙ୍କ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଚାଷୀ ଓ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ସହାୟତା ପ୍ରଦାନ କରାଯିବାକୁ ପିସିସି ସମ୍ପାଦକ ସନ୍ତୋଷ କୁମାର କୁମାର ନନ୍ଦ, ଡିସିସି ସାଧାରଣ ସମ୍ପାଦକ ହୃଷିକେଶ ପତି, ଉପସଭାପତି ବିଭୂତି ମହାପାତ୍ର, ଜିଲ୍ଲା ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଯାଜପୁର ପୂର୍ବତନ ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଉପସଭାପତି ଅଶୋକ କୁମାର ଦାସ, ପୂର୍ବତନ ସଭାପତି ବିଳାସ କୁମାର ରାଉତରା, ପୂର୍ବତନ ପିସିସି ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ପୂର୍ବତନ ମହିଳା କଂଗ୍ରେସ ସଭାପତି ପ୍ରତିମା କର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ନିକୁଞ୍ଜ ସାମଲ, ଗୋବିନ୍ଦ ସାହୁ, ବିଦ୍ୟାଧର ବାରିକ, ନିତାଇ ଚାନ୍ଦ ମହାନ୍ତି, ଅବଦୁଲ ସଲିମ, ସଂଗ୍ରାମ ଜେନା, ସଂଗ୍ରାମ ସାହାଣୀ, ବିଜୟ ମହାପାତ୍ର ପ୍ରମୁଖ ଦାବୀ କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଡି.ଏ.ଭି କଳିଙ୍ଗ ନଗରର ରୌପ୍ୟ ଜୟନ୍ତୀ ବର୍ଷ ପାଳନ ଅବସରରେ ଆନ୍ତଃବିଦ୍ୟାଳୟ ଦୋହା ଗାୟନ ପ୍ରତିଯୋଗିତା ଆୟୋଜିତ







ଭୁବନେଶ୍ୱର: ୧୯୯୭ ମସିହାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ତଥା ଶିକ୍ଷାର ମୂଲ୍ୟବୋଧ ପ୍ରସାର ଉପଲକ୍ଷେ କଳିଙ୍ଗ ନଗରଠାରେ ପ୍ରତିଷ୍ଠିତ ଡି.ଏ.ଭି ପବ୍ଲିକ ସ୍କୁଲ ତାର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଅଛି । ଏହି ଅବସରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ସୁଦ୍ଧା କରୋନା ନିୟମାବଳୀକୁ ପାଳନ ପୂର୍ବକ ଅନଲାଇନ୍ / ଅଫ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ କାର୍ଯ୍ୟକ୍ରମ ପାଳନ ଅବସରରେ ଏକ ଆନ୍ତଃବିଦ୍ୟାଳୟ ଦୋହା ଗାୟନ ପ୍ରତିଯୋଗିତା ଇତି ମଧ୍ୟରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ କୁମାର ସାହୁ ଏହା ସଂଗୀତ ଓ ଶ୍ଳୋକ ମଧ୍ୟରେ ଉଚ୍ଚ ସମନ୍ୱୟ ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଏ.ଭି ଓଡ଼ିଶା ଜୋନ୍ - ୧ ଅନ୍ତର୍ଗତ ୨୩ଟି ବିଦ୍ୟାଳୟର ୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଡି.ଏ.ଭି ପବ୍ଲିକ ସ୍କୁଲ ସି.ଡି.ଏ କଟକ ଓ ଡି.ଏ.ଭି ୟୁନିଟ୍ - ୮ ଭୁବନେଶ୍ୱର ଯୁଗ୍ମ ପ୍ରଥମ ହୋଇଥିବା ସ୍ଥଳେ ଡି.ଏ.ଭି. ପବ୍ଲିକ ସ୍କୁଲ ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଦ୍ୱିତୀୟ ଏବଂ ଡି.ଏ.ଭି ଇଫ୍‌କୋ ପାରାଦ୍ୱିପ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏଥିରେ ଡି.ଏମ୍ ସ୍କୁଲ ଭୁବନେଶ୍ୱରର ହିନ୍ଦୀ ବିଭାଗର ପ୍ରଧାପକ ଶ୍ରୀ ପଙ୍କଜ କୁମାର ମିଶ୍ର ତଥା କେନ୍ଦ୍ରୀୟ ବିଦ୍ୟାଳୟ - ୫ ର ସଂଗୀତ ଶିକ୍ଷୟିତ୍ରୀ ଶୁଭକ୍ରୀତି ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରିବା ସହ ଆବଶ୍ୟକ ଉପଦେଶ ମଧ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ କମିଟି ତରଫରୁ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା । କରୋନା ପରିସ୍ଥିତିକୁ ବିଚାର କରି ଏହି କାର୍ଯ୍ୟକ୍ରମର ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ତରଫରୁ ପ୍ରକାଶ କରାଯାଇଛି ।

# ପନିପରିବା ଓ ଫଳରେ ଆତ୍ମ-ନିର୍ଭରଶୀଳ ହେବ ଓଡ଼ିଶା :ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ଚାଉଳ, କ୍ଷୀର, କୁକୁଡ଼ା ଜାତୀୟ ଖାଦ୍ୟ, ମାଛ ଯାଆଁଳ ଆଦି କ୍ଷେତ୍ରରେ ଆତ୍ମ-ନିର୍ଭରଶୀଳ ହେବାପରେ ଓଡ଼ିଶା ବର୍ତମାନ ପନିପରିବା ଏବଂ ଫଳ ଉତ୍ପାଦନରେ ଆତ୍ମ-ନିର୍ଭରଶୀଳ ହେବା ନିମନ୍ତେ ପ୍ରଚେଷ୍ଟା ଆରମ୍ଭ କରିଛି । ଏଥିପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ଏବଂ ସମୟାନୁବନ୍ଧିତ କାର୍ଯ୍ୟ-ପନ୍ଥା ନିର୍ଦ୍ଧାରଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । କୃଷି ଉତ୍ପାଦ ବୃଦ୍ଧି ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ରାଜ୍ୟରେ ଫଳ ଓ ପନିପରିବା ଚାଷ ସମ୍ବନ୍ଧିତ ସଦ୍ୟତନ ସ୍ଥିତି ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଫଳ ଓ ପନିପରିବା ଚାଷ ପାଇଁ ଓଡ଼ିଶାରେ ଥିବା ବହୁ ସମ୍ଭାବନା ଓ ସମ୍ବଳ ବିଷୟ ଉଲ୍ଲେଖ କରି ବିଭିନ୍ନ ଅଂଚଳର କୃଷି-ଜଳବାୟୁ ଓ ମୃତ୍ତିକା ସଂରଚନା ଆଦି ଭିତିରେ ଲକ୍ଷ୍ୟଭେଦୀ କାର୍ଯ୍ୟ-ଯୋଜନା ପ୍ରସ୍ତୁତ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଫଳ ଓ ପନିପରିବାର ଆଧୁନିକ ଚାଷ ପ୍ରଣାଳୀ, ବାର୍ଷିକ ଆୟ ଆଦି ବିଷୟରେ କୃଷକମାନଙ୍କୁ ଅନୁପ୍ରେରଣା ଦେବାପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା ଫୁଲ କୋବି, ବନ୍ଧା କୋବି, ଟମାଟୋ, ଆଳୁ, ପିଆଜ ଆଦି ଜାତୀୟ ପରିବା ଏବଂ କଦଳୀ, ଅମୃତଭଣ୍ଡା, ପିଜୁଳି ଓ ଲେମ୍ବୁ ଆଦି ଫଳ ଉତ୍ପାଦନ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରକାର ଫଳ ଓ ପନିପରିବା ପାଇଁ ବିଶେଷଜ୍ଞ, କୃଷକ, କୃଷି-ଉଦ୍ୟୋଗୀ, ଜଳ ସଂପଦ ଓ କୃଷି ବିଭାଗ ଯନ୍ତ୍ରୀମାନଙ୍କ ଠାରୁ ଆବଶ୍ୟକୀୟ ମତାମତ ଓ ପରାମର୍ଶ ନେଇ ବାସ୍ତବବାଦୀ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉଦ୍ୟାନ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଜଣାଇଥିଲେ ଯେ ଲଗାତାର ପ୍ରୋତ୍ସାହନ-ମୂଳକ ପ୍ରଚେଷ୍ଟା ଯୋଗୁ ରାଜ୍ୟ ପନିପରିବା ଓ ଫଳ ଉତ୍ପାଦନରେ ଜାତୀୟସ୍ତରର ମାନ୍ୟତା ହାସଲ କରିଛି । ୨୦୧୯-୨୦ ବର୍ଷ ଉଦ୍ୟାନ ଚାଷ ବିବରଣୀ ଅନୁସାରେ ଓଡ଼ିଶା ମିଠା ଆଳୁ ଉତ୍ପାଦନରେ ୧ମ; ବାଇଗଣ ଉତ୍ପାଦନରେ ୨ୟ; ଫୁଲକୋବି, ଭେଣ୍ଡି, ଟମାଟୋ ରେ ୫ମ; ଲାଉ ଉତ୍ପାଦନରେ ୬ଷ୍ଠ ସ୍ଥାନ ଅଧିକାର କରିଛି । ସେହିପରି ରାଜ୍ୟ ମଧ୍ୟ ଯାମୁ ଉତ୍ପାଦନରେ ୨ୟ, ଲେମ୍ବୁରେ ୫ମ, ତରଭୁଜରେ ୫ମ, ସପେଟାରେ ୭ମ, ଆମ୍ବରେ ୯ମ ଏବଂ ପଣସ ଉତ୍ପାଦନରେ ୯ମ ସ୍ଥାନ ପାଇଛି । ଦ୍ରୁତ କାର୍ଯ୍ୟାନ୍ୱୟନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ବିଶେଷ ଚାହିଦା ଥିବା ଏବଂ ଓଡ଼ିଶାର ଜଳବାୟୁ ଓ ମୃର୍ତିକା ଅନୁକୂଳ ଅଳ୍ପ ସଂଖ୍ୟକ ଫଳ ଓ ପନିପରିବା ନେଇ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନ ରାଜ କୁମାର ଶର୍ମା, ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, କୃଷି ନିର୍ଦ୍ଦେଶକ ମୁଥୁ କୁମାରଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଡୁକାଟି ପକ୍ଷରୁ ଭାରତରେ ଏହାର ବହୁ ପ୍ରତିକ୍ଷୀତ ୨୦୨୧ ଡୁକାଟି ମନ୍‌ଷ୍ଟର୍ ଉନ୍ମୋଚିତ

ଭୁବନେଶ୍ୱର: ଲକ୍‌ଜରୀ ମୋଟରସାଇକେଲ ବ୍ରାଣ୍ଡ, ଡୁକାଟି ପକ୍ଷରୁ ଆଜି ଭାରତରେ ଏହାର ନୂଆ ମନ୍‌ଷ୍ଟର୍ ରେଞ୍ଜର ଶୁଭାରମ୍ଭ କରାଯାଇଛି । ଏହି ରେଞ୍ଜରେ ସାମିଲ ଥିବା ମନ୍‌ଷ୍ଟର୍ ବାଇକ୍‌ର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କା ଓ ମନ୍‌ଷ୍ଟର୍ ପ୍ଲସ୍‌ର ମୂଲ୍ୟ ୧୧.୨୪ ଲକ୍ଷ ଟଙ୍କା (ଏକ୍ସଶୋ'ରୁମ୍ ଭାରତ) ରହିଛି । ଏହି ନୂଆ ମନ୍‌ଷ୍ଟର୍ ସମ୍ଭବତଃ ସବୁଠାରୁ ହାଲୁକା, କମ୍ପାକ୍ଟ ଓ ମହତ୍ୱପୂର୍ଣ୍ଣ ଫର୍ମରେ ଡୁକାଟିର ସମସ୍ତ ଗୁଣର ପ୍ରତିନିଧିତ୍ୱ କରୁଛି । ଏହାର ରେସିପି ୧୯୯୩ ଭଳି ସମାନ ରହିଛି: ଏକ ସ୍ପୋର୍ଟି ଇନ୍ ଯାହାକି ସଡକ ବ୍ୟବହାର ପାଇଁ ଉପଯୁକ୍ତ ଅଟେ, ଯାହା ଏକ ସୁପର୍‌ବାଇକ୍ ଉତ୍ପାଦିତ ଫ୍ରେମ୍ ସହିତ ମିଳିତ ରହିଛି ।ନୂଆ ମନ୍‌ଷ୍ଟର୍‌ର ବିଷୟବସ୍ତୁ ଅବିସ୍ମରଣୀୟ ମନ୍‌ଷ୍ଟର ୯୦୦ର ବିଷୟବସ୍ତୁ ସହ ସମାନ ରହିଛି, ଯାହାକି ହେଉଛି ପ୍ରଥମ, ବାସ୍ତବ ସ୍ପୋର୍ଟସ୍ ଭିତିଭୂମି କିନ୍ତୁ ମୂଳରୁ ପୁନଃକଳ୍ପିତ । ଏହାର ଫଳାଫଳ ହେଉଛି ଏକ ଅତ୍ୟାଧୁନିକ ଓ ସହଜ ଚେସିସ୍ ସହିତ ଏକ ବାଇକ୍, ଯାହା ଚାଳକଙ୍କ ସହିତ ତତ୍କାଳ ଉପଯୁକ୍ତ ଭାବନା ସ୍ଥାପନ କରିବାର କ୍ଷମତା ରଖିଛି । ଏହାର ଚାଳନା ସ୍ଥିତି ଅଂଟା ଉପରେ କମ୍ ଲୋଡ୍ ପକାଉଛି ଏବଂ ଇନ୍ ପାୱାର, ଟର୍କ ଓ ନିୟନ୍ତ୍ରଣର ସହଜତା ମଧ୍ୟରେ ଏକ ଚମତ୍କାର ସନ୍ତୁଳନ ପ୍ରଦାନ କରୁଛି ।ଏକ ନୂତନ ମନ୍‌ଷ୍ଟର ତିଆରି କରିବା ପାଇଁ ଇନିୟର୍ ଓ ଡିଜାଇନରମାନେ ସ୍କ୍ରାଚ୍‌ରୁ ଆରମ୍ଭ କରିଥିଲେ କିନ୍ତୁ ନୂଆ ବାଇକ୍‌ର ପ୍ରମୁଖ ବିନ୍ଦୁଗୁଡିକର ଏକ ସ୍ପଷ୍ଟ ବିଚାର ସହିତ । ପତଳା ଓ କ୍ଷିପ୍ର, ଏହି ବାଇକ୍ ପ୍ରତ୍ୟେକ ମନ୍‌ଷ୍ଟର୍‌ର ଡିଏନ୍‌ଏକୁ ଅନ୍ତର୍ଭୁକ୍ତ କରିଛି ଯାହା ଏହାକୁ ଶୀଘ୍ର ଚିହ୍ନଟଯୋଗ୍ୟ କରୁଛି: ନ୍ତବିସନ୍ ବ୍ୟାକ୍‌ନ୍ତ ଭଳି ଆକାରର ଫୁଏଲ୍ ଟ୍ୟାଙ୍କ୍, 'ସୋଲ୍ଡର-ଏମ୍‌ବେଡେଡ୍' ରାଉଣ୍ଡ ହେଡ୍‌ଲାଇଟ୍, କ୍ଲିନ୍ ଟେଲ୍ ଓ ଦୃଶ୍ୟର କେନ୍ଦ୍ରରେ ଇନ୍ । ଏସମ୍ପର୍କରେ ଡୁକାଟି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ବିପୁଳ ଚନ୍ଦ୍ର କହିଛନ୍ତିଯେ, ନ୍ତ ନୂଆ ମନ୍‌ଷ୍ଟର୍ ହେଉଛି ବୋର୍‌ଗୋ ପାନିଗାଲେଠାରେ ପ୍ରତ୍ୟେକଙ୍କ ପାଇଁ ଏକ ବାସ୍ତବ ଷ୍ଟାର୍ । ଏକ ବ୍ରାଣ୍ଡ ନାମ ଯାହା ଆମର ବେଷ୍ଟ-ସେଲିଙ୍ଗ ମଡେଲ୍‌ରେ ପରିଣତ ହୋଇ ଅନ୍ୟ କିଛି ମଡେଲ୍ ଭଳି ଡୁକାଟି ଇତିହାସକୁ ଚିହ୍ନିତ କରିଛି କାରଣ ଡୁକାଟି ୧୯୯୩ରେ ପ୍ରଥମ ଥର ମନ୍‌ଷ୍ଟର୍ ଲଂଚ୍ ହେବା ପରଠାରୁ ୩୫୦,୦୦୦ରୁ ଅଧିକ ମୋଟରସାଇକେଲ୍ ବିକ୍ରି କରିଛି ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ୫୨ତମ ଜାତୀୟ ସେବା ଯୋଜନା ଦିବସ ପାଳିତ

ବାରିପଦା : ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ୫୨ତମ ଜାତୀୟ ସେବା ଯୋଜନା ଦିବସ କୋଭିଡ କଟକା ମଧ୍ୟରେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ଉପାଧ୍ୟକ୍ଷା ସଂଘମିତ୍ରା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ବିଭିନ୍ନ ସ୍ଲୋଗାନ ଦେଇ ସଫେଇ କରିବା ସହିତ ମହାରାଜପୁର ପୌଷ୍ୟଗ୍ରାମରେ ସଜନା ଏବଂ ଅମୃତଭଣ୍ଡା ଚାରା ବଣ୍ଟନ କରିଥିଲେ ଓ ଗ୍ରାମବାସୀମାନଙ୍କୁ ସଜନା ଗଛର ଉପକାରିତା ବିଷୟରେ ବୁଝାଇଥିଲେ । ଏହି ଦିବସରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ । ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁରସ୍କୃତ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ଓ ବିଜୟା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ମହାବିଦ୍ୟାଳୟର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଫିଆଙ୍କ କବଳରେ ନେଲୁଙ୍ଗ ଜଙ୍ଗଲ ଓ ହୁଡି



କେନ୍ଦୁଝର(ପିଏନ): ସଂପ୍ରତି ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୫/୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଗ୍ରାମ ପଥରହୁଡି ଏବଂ ସଂରକ୍ଷିତ ଜଙ୍ଗଲରୁ ଅହରହ ଟ୍ରାକ୍ଟର ଯୋଗେ ପଥର, ବାଲି, ମୋରମ ଇତ୍ୟାଦି ଚୋରି କରି ବାହାରେ ବିକ୍ରୀ ହେଉଛି । ଏହି ଲଘୁଖଣିଜ ସମ୍ପଦ ଚୋରି କରୁଥିବା ମାଫିଆ ମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ଏତେ ପରିମାଣରେ ବଢି ଗଲାଣି ଯେ ଗ୍ରାମବାସୀ ତ୍ରାହି ତ୍ରାହି ଡାକିଲେଣି । ଗ୍ରାମ ଜଙ୍ଗଲରୁ ପଥର ଓ ମୋରମ ଇତ୍ୟାଦି କୋଟି କୋଟି ଟଙ୍କାର ସମ୍ପଦ ଦିନଦ୍ୱିପ୍ରହରେ ପ୍ରଶାସନ ଜାଣିବାରେ ଚୋରି ହେଉଛି । ପ୍ରତ୍ୟେକ ବର୍ଷ ପଥର ଖଣିରେ ଗୃହ ପାଳିତ ପଶୁମାନେ ପଡି ମୃତାହତ ହେଉଛନ୍ତି । ଗ୍ରାମ ରାସ୍ତାରେ ଅହରହ ଟ୍ରାକ୍ଟର ଚାଲିବା ଫଳରେ ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଘୋର ବାଧାପ୍ରାପ୍ତ ହେଉଛି । ଗ୍ରାମବାସୀମାନେ ବହୁବାର ଜିଲ୍ଲା ପ୍ରଶାସନ ପାଖରେ ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବରଂ ଏହାଦ୍ୱାରା ଖଣିଜ ସମ୍ପଦ ଚୋରୀ କରୁଥିବା ମାଫିଆମାନେ ଦ୍ୱିଗୁଣିତ ବେଗରେ ଚୋରୀ କରୁଛନ୍ତି । ସେମାନେ ପ୍ରକାଶ୍ୟରେ କହୁଛନ୍ତି ଯେ ତହସିଲ ଅଫିସ୍ ଓ ଜଙ୍ଗଲ ବିଭାଗ ବାବୁ ମାନଙ୍କୁ ମାସିକ ହାତ ଚିକ୍କଣ ମିଳୁଛି । ଏଥିରେ ସେମାନଙ୍କ କେଶ ମଧ୍ୟ କେହି ଉପାଡି ପାରିବେ ନାହିଁ । ବ୍ୟାପକ ଲଘୁ ଖଣିଜ ଚୋରୀ ଯୋଗୁଁ ପରିବେଶ ତ ନଷ୍ଟ ହେଉଛି ସରକାର ମଧ୍ୟ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଚୋରୀକୁ ପ୍ରତିବାଦ କଲେ ମାଫିଆମାନେ ପ୍ରତିବାଦକାରୀଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଉଛନ୍ତି । ଏ ସମ୍ବନ୍ଧରେ ସଦର ତହସିଲଦାରଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ତହସିଲଦାର ବାବୁ କହିଲେ ଯେ ଦୁଇମାସ ପୂର୍ବେ ୨ଟି ଟ୍ରାକ୍ଟରକୁ ଧରାଯାଇ ଜୋରିମାନା ଆଦାୟ ହୋଇଛି । ଯା ବ୍ୟତିରେକ ସେ ଅନ୍ୟ କିଛି କରିପାରିବେ ନାହିଁ । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଶାସକକୁ ସାହାଯ୍ୟ କରିବାକୁ ପ୍ରଶାସକ ନିଯୁକ୍ତି ହୋଇଥାନ୍ତି । ଯଦି ପ୍ରଶାସକ ଅସହାୟ ହୋଇପଡେ ଆଗାମୀ କାଲି ଦେଶରେ ଉତ୍ତରପ୍ରଦେଶ ପରି ବାହୁବଳୀ ସୃଷ୍ଟି ହୋଇ ସମଗ୍ର ଜନସାଧାରଣଙ୍କ ପାଇଁ ତଥା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବ । ଏଣୁ ନେଡି ଗୁଡ କହୁଣିକୁ ବୋହି ଯିବା ପର୍ବରୁ ଏ ପ୍ରକାର ମାଫିଆ ମାନଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଗ୍ରାମର ଦାମୋଦର ପଣ୍ଡା, କ୍ଷିରୋଦ ଚନ୍ଦ୍ର ରଣା, ଗଙ୍ଗାଧର ନାଏକ, ରବି ଦାସ, ରାହାସ ରଣା, ଧରଣୀ ପାତ୍ର, ଶ୍ରୀକାନ୍ତ ନାଏକ ପ୍ରମୁଖ ନିବେଦନ କରିଛନ୍ତି । ଚୋରୀ ରୋକା ନଗଲେ ଜିଲ୍ଲା ପ୍ରଶାସନ ପାଖରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହୋଇଛି ।

## ମୋବାଇଲରେ ଗେମ ଖେଳିବା ହେଲା କାଳ

# ୮ମ ଶ୍ରେଣୀ ଛାତ୍ର ହାରିଲେ ଜୀବନ



ଯୋଡା(ପିଏନ)- ମୋବାଇଲରେ ଅନଲାଇନ ଗେମ ଖେଳିବା ହେଲା କାଳ, ୮ ଶ୍ରେଣୀ ଛାତ୍ର ହାରିଲେ ଜୀବନ ଏମିତି ଏକ ଦୁଃଖଦ ଘଟଣା ଘଟିଛି ହେନ୍ଦୁଝର ଜିଲ୍ଲା ଯୋଡା ଥାନା କମାରେଯାଡା ଗୌଡ ବସ୍ତିର ବିନୋଦ ଆପଟଙ୍କ ୧୪ ବର୍ଷିୟ ପୁଅ ଅମିତାଂଶୁ ଆପଟ । ଆଜି ସକାଳ ପ୍ରାୟ ୭.୩୦ ସମୟରେ ଶୌଚ ହେବାକୁଯାଇ ଏକ ଶାଢୀ ସାହାର୍ଯ୍ୟରେ ବେକରେ ଅମିତାଂଶୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଯୋଡା ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି । ମୃତ ଛାତ୍ର ଅମିତାଂଶୁ ହେଉଛନ୍ତି ଯୋଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୮ମ ଶ୍ରେଣୀ ଛାତ୍ର । ବାପା ବିନୋଦ ଆପଟ ଏକ ଠିକାସଂସ୍ଥାରେ ଓ ମା ଅଙ୍ଗନୱାଡି କର୍ମୀ ଭାବରେ କାମ କରନ୍ତି । ବାପା ବିନୋଦ କହିବା ଅନୁଯାୟୀ, କୋଭିଡ କଟକଣା ଯୋଗୁଁ ଏବେ ଅନଲାଇନ ମାଧ୍ୟମରେ ପାଠ ପଢାଯାଉଥିବା ବେଳେ ତେଣୁ ପୁଅର ପାଠ ପଢା ପାଇଁ ସେ ଏକ ୪ଜି ମୋବାଇଲ କିଣି ଦେଇଥିଲେ । ପୁଅ ଅନଲାଇନରେ ପଢିବା ସହ ବିଭିନ୍ନ ସମୟରେ ମୋବାଇଲରେ ଖେଳ ଖେଳ ଖେଳିବାରେ ବ୍ୟସ୍ତ ରହନ୍ତି । ତେବେ କିଛି ଦିନ ତଳେ ତାଙ୍କ ଆକାଉଣ୍ଟରୁ ୩୫ ହଜାର ଟଙ୍କା ଚାଲି ଯାଇଥିବା ବେଳେ, ସ୍ତ୍ରୀଙ୍କ ଆକାଉଣ୍ଟରୁ ୬୧ ହଜାର ଟଙ୍କା କଟିଯାଇଥିଲା । ଏନେଇ ସେ ବ୍ୟାଙ୍କକୁ ଯାଇ ଖୋଳତାଡ କରିବା ପରେ ଜାଣିବାକୁ ପାଇଥିଲେ ଯେ ଏହି ଟଙ୍କା ଏକ ଅନଲାଇନ ଗ୍ୟାମିଙ୍ଗ ଆକାଉଣ୍ଟକୁ ଚାଲିଯାଇଛି । ବ୍ୟାଙ୍କରୁ ଏହି ସୂଚନା ପାଇବା ପରେ ଜଣା ପଡିଥିଲାଯେ , ଅମିତାଂଶୁ ପବଜୀ ଓ ଫ୍ରି ଫାୟାର ଭଳି ଅନଲାଇନ ଗେମ ଖେଳୁଥିଲେ । ଏହା ଜାଣିବା ପରେ ଗତ ରାତିରେ ପୁଅ ଅମିତାଂଶୁକୁ ପଚରା ଉଚରା କରିବା ସହ ପାଟି କରି ତାଗିଡ କରିଥିଲେ ବାପା ବିନୋଦ ଆପଟ । ତେବେ ଆଜି ସକାଳୁ ଶୌଚ ହେବାକୁ ଲାଟ୍ରିନ ରୁମକୁ ଯାଇ ଏକ ଶାଢୀ ସାହାର୍ଯ୍ୟରେ ଝୁଲିପଡି ନିଜର ଜୀବନ ହାରିଦେଇଥିଲେ ଅମିତାଂଶୁ । ସଙ୍ଗେ ସଙ୍ଗେ ଅମିତାଂଶୁକୁଉଦ୍ଧାର କରି ଏକ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଫାୟାର ଷ୍ଟେସନରେ ଷ୍ଟେସନ ମାଷ୍ଟର ରୂପେ କାର୍ଯ୍ୟରତ

# ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର




କେନ୍ଦୁଝର(ପିଏନ)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ କରୋନା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । ଅନେକ ଜାଗାରେ ରକ୍ତର ଆବଶ୍ୟକତା ମଧ୍ୟ ପଡୁଛି । ଯାହାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ସଂଗ୍ରହର କାର୍ଯ୍ୟକ୍ରମ କରାଯାଉଛି । କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନଗର ଭବନ ଠାରେ ଓଡିଶା ମୋ ପରିବାର ତରଫରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିରରେ ରକ୍ତାଦନ କରିବାକୁ ସ୍ୱେଚ୍ଛାକୃତ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକମାନେ ନଗର ଭବନ ଠାରେ ଉପସ୍ଥିତ ଥିଲେ । ବିଜୁ ଜନତା ଦଳ ତରଫରୁ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।


# ବିଶ୍ୱ ହୃଦୟ ଦିବସରେ ବାଦାମ ସହିତ ଉତ୍ତମ ସ୍ୱାସ୍ଥ୍ୟର ଉପହାର ଦିଅନ୍ତୁ

ଭୁବନେଶ୍ୱର : ବିଶ୍ୱରେ ବଢି ଚାଲିଥିବା ହୃଦ ରୋଗ ଏବଂ ଷ୍ଟ୍ରୋକ ସମେତ କାର୍ଡିଓଭେସ୍କୁଲାର ରୋଗ (ସିଭିଡି) ଉପରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ୨୯ ସେପ୍ଟେମ୍ବର ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରାଯାଏ । ସିଭିଡି ବିଶ୍ୱର ଏକ ଘାତକ ରୋଗ ଯାହା ଫଳ ସ୍ୱରୂପ ୧୮.୬ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥାଏ ଏବଂ ଏହା ମଧ୍ୟ ଭାରତରେ ମୃତ୍ୟୁର ପ୍ରମୁଖ କାରଣ ଅଟେ । ଏହାର ଉପଚାର ସ୍ୱରୂପ ଆପଣ ଓ ଆପଣଙ୍କ ପରିବାର ଲୋକ ନିଜ ଦୈନନ୍ଦିନ ଆହାରରେ ଆଲମଣ୍ଡ ଭଳି ମୁଠାଏ ବାଦାମ ମିଶାଇ ଆରମ୍ଭ କରନ୍ତୁ, କାରଣ ବାଦାମ ବିଭିନ୍ନ ପୋଷକ ତତ୍ୱର ଉତ୍ସ ଅଟନ୍ତି ଏବଂ ହୃଦୟ ପାଇଁ ସୁସ୍ଥ ସ୍ନାକ୍ସ ଅଟେ ।ମ୍ୟାକ୍ସ ହେଲଥକେୟାର-ଦିଲ୍ଲୀର ମୁଖ୍ୟ ଡାଇଟେଟିକ୍ସ, ରୀତିକା ସମଦ୍ଦାର କହିଲେ, ଈଜଣଙ୍କ ହୃଦୟକୁ ସୁସ୍ଥ ରଖିବା ପାଇଁ ଓଜନକୁ ନିୟନ୍ତ୍ରଣରେ ରଖିବା ଜରୁରୀ । ପେଟର ଚର୍ବି ପ୍ରାୟତଃ ରକ୍ତରେ ବର୍ଦ୍ଧିତ ଶର୍କରା ସ୍ତର, ଉଚ୍ଚ ରକ୍ତଚାପ ଏବଂ ଟ୍ରାଇଗ୍ଲିସରାଇଡର ଉଚ୍ଚ ସ୍ତର ସହିତ ଜଡିତ, ସିଭିଡି ପାଇଁ ସମସ୍ତ ଜଣାଶୁଣା ସଙ୍କଟ କାରକ । କାରଣ ଆପଣଙ୍କ ପରିବାର ଏବଂ ଆପଣଙ୍କ ଓଜନ ବିଷୟରେ ଅଧିକ ସଚେତନ ହେବା ଦ୍ୱାରା ଆପଣ ଏକ ସୁସ୍ଥ ଜୀବନଶୈଳୀ ପାଇଁ ଗୋଟିଏ ପାଦ ଆଗକୁ ବଢାନ୍ତୁ । ଏକ ଅଧ୍ୟୟନ ଅନୁଯାୟୀ ନିୟମିତ ଭାବରେ ଆଲମଣ୍ଡ ସ୍ନାକ୍ସ କରିବା କେନ୍ଦ୍ରୀୟ ଆଡିପୋସିଟି ହ୍ରାସ କରିବାରେ ସାହାର୍ଯ୍ୟ କରିଥାଏ ।ଈ

# ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ, (ପିଏନ)-ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ହୋଇଛି । ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଂଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି । ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ତେବେ ଆଜି ଯେଉଁସବୁ ଅଂଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଂଚଳ ହେଲା । ଭୁବନେଶ୍ୱରର କିମ୍ସ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଂଚାୟତର ଜଣେ, ଏମ୍‌ସ୍‌ରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି ।

# ମାରୁତି ସେନା ପକ୍ଷରୁ ଆଦିତ୍ୟ ଦାସ ମୃତ୍ୟୁ ଘଟଣାର ସଠିକ୍ ତଦନ୍ତ ଦାବି




କେନ୍ଦୁଝର(ପିଏନ)-ସମାଜସେବୀ ତଥା ପିପୁଲ ଫର ସେବାର ପ୍ରତିଷ୍ଠାତା ଆଦିତ୍ୟ ଦାସଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ସନ୍ଦେହ ଥିବାବେଳେ କ୍ରାଇମ୍‌ବ୍ରା□ ହସ୍ତକ୍ଷେପ କରିଥିଲେ । ଜିଆରଏଫ୍ ଏବଂ କ୍ରାଇମ୍‌ବ୍ରା□ ପୋଲିସ୍ ଲାଗି ମଧ୍ୟ ଏ ପର୍ଯ୍ୟନ୍ତ କିଛି ଆଶାନୁରୂପ ଫଳ ପରିଲକ୍ଷିତ ହୋଇପାରି ନାହିଁ । ଏହାରି ଭିତରେ ୩ମାସ ବିତି ଗଲାଣି । ଏଣୁ ଏହି ଘଟଣାର ସଠିକ୍ ତଦନ୍ତ ଏବଂ ଆଦିତ୍ୟ ଦାସଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଜନସାଧାରଣଙ୍କ ନିକଟକୁ ଆସିବା ଦରକାର । ସିବିଆଇ ଅନୁସନ୍ଧାନ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କୁ ମାରୁତି ସେନା ପକ୍ଷରୁ ଦାବିପତ୍ର ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ସମାଜସେବୀ ଦୀପକ କୁମାର ମହାନ୍ତ, ବିଭୀଷଣ ମହାନ୍ତ, ଦୀପକ ଜେନା, ବିକ୍ରମ ପଲେଇ, ଝରଣା ପଟ୍ଟନାୟକ, ଜମ୍ବିକା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଦାନ୍ତ ଝାରସୁଗୁଡ଼ା ପାୱାର ପ୍ଲାଂଟକୁ ସର୍ବୋତ୍କୃଷ୍ଟ ୱାଟର ଏଫିସିଏଂଟ ପ୍ଲାଂଟ ପୁରସ୍କାର




ଭୁବନେଶ୍ୱର : ଭାରତର ବୃହତ ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦ ନିର୍ମାତା ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ପାୱାର ପ୍ଲାଂଟ ଏନର୍ଜି ଫାଉଣ୍ଡେସନ ଆନୁକୁଲ୍ୟରେ ପରିଚାଳିତ ୱାଟର ଅପଟିମାଇଜେସନ କନଫରେନସରେ ସର୍ବୋତ୍କୃଷ୍ଟ ୱାଟର ଏଫିସିଏଂଟ ପୁରସ୍କାର ଲାଭ କରିଛି। ବେଦାନ୍ତର ୨୪୦୦ ମେଗାୱାଟ ଥର୍ମାଲ ପାୱାର ପ୍ଲାଂଟ ଓ ୧୨୧୫ ମେଗାୱାଟ କ୍ୟାପଟିଭ ପାୱାର ପ୍ଲାଂଟ >=୫୦୦ ମେଗାୱାଟ ଏବଂ >=୫୦୦ ମେଗାୱାଟ ବର୍ଗରେ ସେମାନଙ୍କ ମୂଲ୍ୟ ଶୃଙ୍ଖଳାରେ ଉପଯୋଗୀ ଜଳ ଖର୍ଚ୍ଚ କରିବା ସହ ପୁନଚକ୍ରଣ ଜଳ ଓ ଜଳର ପୁନ ବ୍ୟବହାର ପାଇଁ ଏହି ପୁରସ୍କାର ଲାଭ କରିଛି। ଜଳ ସଂରକ୍ଷଣରେ ଏହାର ପଦକ୍ଷେପକୁ ଆଉ ପାଦେ ଆଗକୁ ନେବା ପାଇଁ ବେଦାନ୍ତ ସଂପ୍ରତି ରିଭର୍ସ ଓସୋମସିସ ୱାଟର ଟ୍ରିଟମେଂଟ ପ୍ଲାଂଟକୁ ଏହାର ଝାରସୁଗୁଡ଼ାର ଟିପିପିରେ ଆରମ୍ଭ କରିଛି। ୫୦୦ଏମ୩/ଘ. କ୍ଷମତାର ଜଳ ଉପଚାର ପ୍ଲାଂଟ ବିଭିନ୍ନ ଉତ୍ସରୁ ବର୍ଜ୍ୟ ଜଳ ସଂଗ୍ରହ କରି ଏହି ଜଳକୁ ପୁନଚକ୍ରଣ ସହ ବ୍ୟବହାର ଉପଯୋଗୀ କରିବ।କଂପାନିର ଏହି ପଦକ୍ଷେପ ସଂପର୍କରେ ଶ୍ରୀ ଦୀପକ ପ୍ରସାଦ, ଡେପୁଟି ସିଇଓ, ବେଦାନ୍ତ ଲିଃ ଝାରସୁଗୁଡ଼ା କହିଥିଲେଯେ ଆମ ସଂସ୍ଥାରେ ଜଳ ସଂରକ୍ଷଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛୁ ଏବଂ ଆଜିର ଏହି ପୁରସ୍କାର ଆମର ଏହି ପ୍ରୟାସକୁ ସ୍ୱିକୃତି ଦେଇଛି। ଆମର ଲକ୍ଷ୍ୟ ରହିଛି ଶୂନ୍ୟ କ୍ଷତି, ଶୂନ୍ୟ ବର୍ଜ୍ୟ ଓ ଶୂନ୍ୟ ନିଷ୍କାସନ ଏହାଛଡା ଆମେ ସବୁ ପ୍ଲାଂଟରେ ଜଳର ପୁନଚକ୍ରଣ ଓ ବ୍ୟବହାର ଉପଯୋଗୀ କରିବା ପାଇଁ ବିଭିନ୍ନ ପଦକ୍ଷପ ଗ୍ରହଣ କରିଛୁ। ଆର୍ଥିକ ବର୍ଷ ୨୧ରେ ବେଦାନ୍ତ ଝାରସୁଗୁଡ଼ା ମୋଟ ୮୬ ଲକ୍ଷ ଲିଟର ଜଳ ପୁନଚକ୍ରଣ କରିଛି। କଂପାନି ମୂଲ୍ୟ ଚେନ ଶୃଙ୍ଖଳାରେ ପର୍ଯ୍ୟାପ୍ତ ଜଳ ପୁନଚକ୍ରଣ କରିବ ଓ ତାହାକୁ ପୁନର୍ବ୍ୟବହାର ଉପଯୋଗୀ କରିବାକୁ ପ୍ରୟାସ ଜାରି ରଖିଛି ଯଥା:

- ଶୂନ୍ୟ ନିଷ୍କାସନ ପଦ୍ଧତିକୁ ପରିଚାଳନା କରି ଜଳର ଗୁଣବତାରେ ଉନ୍ନତି ଆଣିବା ସହ ଉପଯୁକ୍ତ ଯାଂଚ ବ୍ୟବସ୍ଥା
-ସବୁ ପ୍ରକଳ୍ପ ପାଇଁ ନିଷ୍ପତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଜଳ ପରିଚାଳନା ସମନ୍ୱୟତା
-ଜଳ ଗୁଣବତା ମାପଦଣ୍ଡକୁ କ୍ରମାଗତ ଓ ଅନଲାଇନ ମନିଟରିଂ, ଏହା ସହ ନିର୍ଦ୍ଦିଷ୍ଟ ଜଳ ଅପଚୟ ନିୟନ୍ତ୍ରଣ
-ନିୟମିତ ଜଳ ଖର୍ଚ୍ଚ ସମ୍ବନ୍ଧିତ ସମୀକ୍ଷା ଓ ଉତ୍କର୍ଷତା ବୃଦ୍ଧି ପାଇଁ ଉପଯୁକ୍ତ ପଦକ୍ଷେପ
-ଏସସିଏଡିଏ ଜରିଆରେ ଜଳ ଅନୁଧ୍ୟାନ ଓ ନିୟନ୍ତ୍ରଣ
-ଅତ୍ୟାଧୁନିକ ଏଫ୍ଲୁଏଂଟ ଟ୍ରିଟମେଂଟ ପ୍ଲାଂଟ ଜରିଆରେ ସର୍ବାଧିକ ଜଳ ପୁନଚକ୍ରଣ ଦ୍ୱାରା ଜଳ ଉପଯୋଗୀତା ବୃଦ୍ଧି, ଅଧିକ ଅଲଟ୍ରା ଫିଲଟରେସନ ଓ ରିଭର୍ସ ଓସମୋସିସ ଓ ମଲଟି ଇଭାପୋରେସନ ସିଷ୍ଟମ ବ୍ୟବସ୍ଥା ପରିଚାଳନା।
-ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଜଳ ଉତ୍ସ ନିକଟରେ ଅନସାଇଟ ରିଜର୍ଭୟର ପ୍ରତିଷ୍ଠା କରାଯାଇଛି
-ଅତ୍ୟଧିକ ପାଣିପାଗ ପରିସ୍ଥିତି ଓ ଅପ୍ରତ୍ୟାଶିତ ବର୍ଷା ପାଇଁ ତୁରନ୍ତ ଉଦ୍ଧାରକାରୀ ଦଳକୁ ନିୟୋଜନ
-ଗ୍ରୀଷ୍ମ ଋତୁରେ ଆଖ ପାଖ ଅଂଚଳକୁ ଜଳ ଯୋଗାଣ ପାଇଁ ଜିଲ୍ଲା ପ୍ରଶାସନକୁ ସହାୟତା
-କୃଷକମାନଙ୍କୁ ସହାୟତା ପାଇଁ ବୁନ୍ଦା ଜଳସେଚନ, ଟ୍ରେଡଲ ପଂପ, ସୌରଶକ୍ତି ଚାଳିତ ପଂପ, ବର୍ଷା ଜଳ ଅମଳ ନିର୍ମାଣ ଯଥା ପେରେଲୋକେସନ ଟ୍ୟାଙ୍କ ଇତ୍ୟାଦିକୁ କାର୍ଯ୍ୟକ୍ଷମ କରାଇବା ଦ୍ୱାରା ଚାଷ ପାଇଁ ଜଳସେଚନ ସହ ଘରୋଇ ଉପଯୋଗୀତା ବୃଦ୍ଧି
-ସଂସ୍ଥା ପକ୍ଷରୁ ଗୋଷ୍ଠୀ ପାଇଁ ଅନେକ ଗୁଡ଼ିଏ ଜଳ ଭିତିଭୂମିର ପ୍ରତିଷ୍ଠା କରାଯାଇଛି ଯଥା ନଳକୂପ, ବୋରୱେଲ, ପୋଖରୀ, ପେରେଲୋକେସନ ଟ୍ୟାଙ୍କ ଇତ୍ୟାଦି।

ବେଦାନ୍ତ ହେଉଛି ସବୁଜ ଧାତୁ, ଆଲୁମିନିୟମ ଉତ୍ପାଦନ କରିବାରେ ଭାରତର ବୃହତମ ଉତ୍ପାଦକ। ଏହା ବିଶ୍ୱଶ୍ରେଣୀର ୧.୬ ଏମଟିପିଏ ଆଲୁମିନିୟମ ସ୍ମେଲଟର ପ୍ଲାଂଟ ଓ ଝାରସୁଗୁଡ଼ାରେ ୩୬୧୫ ମେଗ୍ୱାର ତାପଜ ବିଜୁଳି ଉତ୍ପାଦନ କରୁଛି। ଏକମାତ୍ର ଭାରତୀୟ ସ୍ମେଲଟର ଭାବରେ ବିଶ୍ୱକୁ ୧ ନିୟୁତ ଟନ ଉତ୍ପାଦନ ଓ ଏକସପୋର୍ଟ କ୍ଲବ। ବେଦାନ୍ତର ଝାରସୁଗୁଡ଼ା ହେଉଛି ଏକ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦକ । ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ମିଳିତ ବିରୋଧୀଦଳ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାରେ ଭାରତ ବନ୍ଦକୁ ସଫଳ ପାଇଁ ନିବେଦନ

କେନ୍ଦ୍ରାପଡ଼ା : ମିଳିତ ବିରୋଧୀଦଳ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି। କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଆଣିଥିବା ୩ଟି କଳା କୃଷି ଆଇନ ଯଥା କୃଷକ ଓ ଖାଉଟି ବିରୋଧୀ ଆଇନ, ଫସଲର ଉଚିତ ଦାମ ପାଇଁ ନୂଆ ଆଇନ ଆଣିବା , ଭାଗଚାଷୀଙ୍କୁ ଆଇନଗତ ମାନ୍ୟତା ପ୍ରଦାନ, ରାଷ୍ଟ୍ରର ସମ୍ପତ୍ତିକୁ ଘରୋଇକରଣରୁ ମୁକ୍ତି, ଶ୍ରମିକମାନଙ୍କୁ ନ୍ୟାୟ ଦାବି ଓ କେନ୍ଦ୍ର ସରକାରର କମ୍ପାନୀ ରାଜ ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ସେପ୍ଟେମ୍ବର ୨୭ ଭାରତ ବନ୍ଦକୁ ସମର୍ଥନ କରିବା ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ(ଏମ), ସିପିଆଇ ଓ ସିପିଆଇ(ଏମଏଲ) ଲିବରେସନ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ମିଳିତ ଭାବେ ଏକ ପ୍ରେସ ବିଜ୍ଞପ୍ତିରେ ନିବେଦନ କରାଯାଇଛି।

## ହାଇଲେଭଲ କେନାଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର



ଚଣ୍ଡିଖୋଲ : ବଡଚଣା ଥାନା ଅଧିନସ୍ଥ ଶାସନପୁରୁଶୋତ୍ତମପୁର ଗ୍ରାମ ନିକଟରେ ଥିବା ହାଇଲେଭଲ କେନାଲର ନୂତନ ପୋଲ ତଳେ ଜଣେ ଯୁବତୀଙ୍କ ମୃତଦେହ ଆଜି ଉଦ୍ଧାର କରିଛି ବଡଚଣା ପୁଲିସ। ସୂଚନା ମୁତାବକ ଆଜି ସକାଳେ ଗୋଟିଏ ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ବଡଚଣା ପୁଲିସକୁ ଖବର ଦେଇଥିଲେ। ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ସଲିଳ ରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଶ୍ରୀ ମଲ୍ଲିକଙ୍କ କହିବା ଅନୁଯାୟୀ ଧାନମଣ୍ଡଳ ରାମଚନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କ ଝିଅ ରିନାରାଣୀ(୨୩) ନିଖୋଜ ହେଇଥିବା ନେଇ ଗତ କାଲି ଧାନମଣ୍ଡଳ ଫାଣ୍ଡିରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା ଏବଂ ପୁଲିସ ଏହି ଅଭିଯୋଗକୁ ନେଇ ମଧ୍ୟ ଏକ ମାମଲା କରିଥିଲା। ଆଜି ସକାଳେ ଫାଣ୍ଡି ଅଧିକାରୀ ଶ୍ରୀ ମଲ୍ଲିକ ମୃତ ଝିଅର ପରିବାରଙ୍କୁ ଡକାଇ ଚିହ୍ନଟ କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତ ଦେହଟି ରାନାରାଣୀର ବୋଲି ଜଣାପଡିଥିଲା। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରିରଖିଥିବା ତଦନ୍ତକାରୀ ଅଧିକାରୀ ସଂଯୁକ୍ତା ବେହେରା ସୂଚନା ଦେଇଛନ୍ତି।

## ଫସଲରେ ରୋଗପୋକ ଦମନ ପାଇଁ ଗ୍ରାମଦେବତୀଙ୍କ ଝଣ୍ଡା ଓ ଖଣ୍ଡା ପରିକ୍ରମା



ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମରେ ଗ୍ରାମଦେବତୀ ରାମଚଣ୍ଡୀଙ୍କ ଆଜ୍ଞାମାଳ(ଝଣ୍ଡା) ଓ ଖଣ୍ଡା ଶୁକ୍ରବାର ଗ୍ରାମ ପରିକ୍ରମା କରିଥିବା ଜଣାଯାଇଛି । ଗ୍ରାମ ଦେବତୀଙ୍କ ନିକଟରେ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମା ଙ୍କର ଆଜ୍ଞାମାଳ ପ୍ରାପ୍ତି ହୋଇଥାଏ। ମନ୍ଦିରରେ ପୂଜା ପାଉଥିବା ଖଣ୍ଡା ଓ ଆଜ୍ଞାମାଳ ଗ୍ରାମ ପରିକ୍ରମା କଲେ ଧାନ ଫସଲରେ ଲାଗିଥିବା ରୋଗପୋକ ଦମନ ହୋଇଥାନ୍ତି ବୋଲି ଜନମୁଖରୁ ଶୁଣିବାକୁ ମିଳେ । କେଉଁ ଆବାହମାନ କାଳରୁ ସିଧାମୂଳା ଗ୍ରାମରେ ଏହି ପରମ୍ପରା ପ୍ରଚଳିତ ହୋଇ ଆସୁଛି । ଗ୍ରାମ ଦେବତୀଙ୍କ କୃପାରୁ ଏହା ସମ୍ଭବ ହୋଇଥାଏ ବୋଲି ଅଂଚଳବାସୀଙ୍କର ବିଶ୍ୱାସ ରହିଛି । ମା ଙ୍କର ଆଜ୍ଞାମାଳ ଗ୍ରାମ ପରିକ୍ରମା ସହ ବିଲ ମାଳ ମଧ୍ୟ ପରିକ୍ରମା କରିଥାଏ।

## ଏକ ସମୃଦ୍ଧ ଭବିଷ୍ୟତ ଗଠନ ପାଇଁ ଯୁବବର୍ଗଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

ଯୋଡ଼ା : ସକୁନ୍ତଳା ପୃଷ୍ଟି ନିଜ ଗ୍ରାମର ଲୋକମାନଙ୍କ ପାଇଁ ଏକ ପ୍ରେରଣାରେ ପରିଣତ ହୋଇଛନ୍ତି। ଏକ ବିନମ୍ର ପୃଷ୍ଠଭୂମିରୁ ଆସିଥିବା ସହ ଏକ ଅବର୍ଣ୍ଣନୀୟ ଗ୍ରାମରୁ ନିଜ ଖାଦ୍ୟ ଭ୍ୟାନ୍ ଚଲାଇବା ପର୍ଯ୍ୟନ୍ତ ଯାତ୍ରା ବେଶ୍ ପ୍ରଶଂସନୀୟ ।ସେ ଲଘୁ ମୋଟର ଯାନ (ଏଲ୍ଏମ୍ଭି) ଚାଳନା ପ୍ରଷିକ୍ଷଣ ନେବା ପରେ ଋଣ ନେଇ ନିଜର ଏକ ଅଟୋରିକ୍ସା ସେ କିଣିଥିଲେ। ତ୍ମୁଁ ତାହାକୁ ମୋ ହିସାବରେ ବଦଳାଇଥିଲି ଏବଂ ଜଳଖିଆ ସାମଗ୍ରୀ ବିକ୍ରି ଆରମ୍ଭ କରିଥିଲି। ସନ୍ଧ୍ୟା ସମୟରେ, ମୁଁ ଗୁଲୁଗୁଲା ବିକ୍ରି କରେ। ପୂର୍ବରୁ ମୁଁ ବହୁତ୍ ଅସୁବିଧା ର ସାମ୍ନା କରୁଥିଲି କାରଣ ମୁଁ ମୋ ଅଂଚଳ ଭିତରେ ସୀମିତ ଥିଲି ଏବଂ ବିକ୍ରି ବହୁତ୍ କମ୍ ରହୁଥିଲା। ଏବେ ମୁଁ ମୋ ଗାଡ଼ିକୁ ପ୍ରମୁଖ ସ୍ଥାନରେ ପାର୍କିଂ କରୁଛି ଏବଂ ମୋ ପରିବାର ଚଳାଇବା ଲାଗି ଯଥେଷ୍ଟ ଆୟ କରୁଛି ବୋଲି ସକୁନ୍ତଳା କହିଛନ୍ତି।''ଯୋଡ଼ାର ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ଟାଟା ଷ୍କିଲ୍ ଫାଉଣ୍ଡେସନ୍‌ର ଯେଉଁ ଅଭିଯାନ ରହିଛି ତାହା ଅଧୀନରେ ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଲଏମ୍ଭି ଚଲାଇବାରେ ପ୍ରଶିକ୍ଷଣ ବ୍ୟତୀତ ଯୁବବର୍ଗଙ୍କୁ ଭାରି ମୋଟର ଯାନ (ଏଚ୍ଏମ୍ଭି) ଚଲାଇବାର ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏହା ବ୍ୟତୀତ ସାହି ଏକ୍ସପୋର୍ଟସ୍ ସହଯୋଗରେ ମହିଳାମାନଙ୍କୁ ପୋଷାକ କ୍ଷେତ୍ର ଉପରେ ପ୍ରଶିକ୍ଷଣ ଦିଆଯାଉଛି ।ଜାତିବାଦ ବୈଷମ୍ୟ, ମାଧ୍ୟମିକ ଶିକ୍ଷା ଓ ସୁଲଭତାର ଅଭାବ, ସାମାଜିକ ପ୍ରତିବନ୍ଧକକୁ ଦୂର କରିବା ଲାଗି ଅଭିଭାବକଙ୍କ ଠାରୁ କମ୍ ସହାୟତା, କୌଣସି ନମନୀୟତା ଶିକ୍ଷା କିମ୍ବା ଡିଜିଟାଲ୍ ଶିକ୍ଷା ସୁଯୋଗର ଅଭାବ ଏବଂ ପ୍ରାୟ ସମସ୍ତଙ୍କ ଆତ୍ମ ବିଶ୍ୱାସ କମ୍ ରହିବା ଭଳି ସମସ୍ୟା ଯୁବବର୍ଗ ସାମ୍ନା କରୁଥିବାରୁ ସେମାନଙ୍କୁ କୌଶଳ ପ୍ରଦାନ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ବିଗତ ପାଂଚ ବର୍ଷରେ ଯୋଡ଼ାର ୫୦୦ରୁ ଅଧିକ ପିଲାଙ୍କୁ ବିଭିନ୍ନ କ୍ଷେତ୍ର ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଉଲି ହୁଟିଂରେ ରହୁଥିବା ୨୧ ବର୍ଷୀୟ ଭାରତୀ ମୁଣ୍ଡା ଭୁବନେଶ୍ୱରରୁ ସିଲାଇରେ ପ୍ରଶିକ୍ଷଣ ହାସଲ କରିଛନ୍ତି। ପ୍ରଶିକ୍ଷଣ ପରେ ସେ ଏବେ ବେଙ୍ଗାଲୁରୁରେ ଚାକିରି ପାଇଛନ୍ତି ଏବଂ ପରିବାର ଚଳାଇବା ଲାଗି ତାଙ୍କ ବାପାଙ୍କୁ ସାହାଯ୍ୟ କରୁଛନ୍ତି।

## ସାମ୍ବାଦିକ ଅରିନ୍ଦମଙ୍କ ବିୟୋଗରେ ଶୋକ

ଖଣ୍ଡପଡା: ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାସଙ୍କର ଅକାଳ ବିୟୋଗରେ ଖଣ୍ଡପଡା ଆଂଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଗଭିର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମହାନଦୀରେ ବୋଟ ଓଲଟି ଘଟିଥିବା ଏହି ଅଭାବନୀୟ ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି ସଂଘର ସଦସ୍ୟମାନେ ଶୋକବାର୍ତାରେ ପ୍ରକାଶ କରିଛନ୍ତି । ସ୍ୱର୍ଗତ ଦାସଙ୍କର ଅକାଳ ବିୟୋଗରେ ରାଜ୍ୟର ସାମ୍ବାଦିକତା କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, ବରିଷ୍ଠ ସଭ୍ୟ ପ୍ରଭାକର ଶିରୋମଣି, ଅଜୟ କୁମାର ମହାରଣା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ଆହାର କେନ୍ଦ୍ରର ଭିତିଭୂମି ବିକାଶ ଦାବି




ଖଣ୍ଡପଡା : ଗରିବ, ଖଟିଖିଆ, ଦିନ ମଜୁରିଆ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ୫ଟଙ୍କାରେ ଭାତ, ଡାଲମା ଯୋଗାଇଦେବା ନିମନ୍ତେ ସରକାର ଆହାର କେନ୍ଦ୍ର ଖୋଲିଛନ୍ତି । ଖଣ୍ଡପଡା ସହରରେ ଗତ ୫ବର୍ଷ ଧରି ଚାଲିଥିବା ଆହାର କେନ୍ଦ୍ରଟି ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ଜଣାପଡିଛି । ଆହାର କେନ୍ଦ୍ରର ଭିତିଭୂମି ବିକାଶ ନିମନ୍ତେ ଏନଏସି କର୍ତୃପକ୍ଷ ନତୁବା ଜିଲ୍ଲା ପ୍ରଶାସନ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ପାର୍ଶ୍ୱସ୍ଥ ୨ଟି କ୍ୟାବିନ ଗୃହରେ ଆହାର କେନ୍ଦ୍ରଟି ଯଥାକଥା ରୀତିରେ ଚାଲିଛି । ସଂକୀର୍ଣ୍ଣ ଜାଗା ଯୋଗୁଁ ଏକ ସଙ୍ଗରେ ଏକାଧିକ ଜନସାଧାରଣ ଉକ୍ତ କେନ୍ଦ୍ର ପରିସରରେ ବସି ଭୋଜନ କରିବା ନିମନ୍ତେ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି। ଆହାର କେନ୍ଦ୍ରରେ ଭୋଜନ ପରିବେଷଣର ଦାୟିତ୍ୱ ମା ଶାରଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ନ୍ୟସ୍ତ କରାଯାଇଛି। ଏବେ କରୋନା ଯୋଗୁଁ ଉକ୍ତ ଆହାର କେନ୍ଦ୍ରରେ ୨୦୦ଜଣଙ୍କ ପରିବର୍ତେ ୧୫୦ ଜଣଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିବା ବେଳେ ଉକ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସୁଚାରୁରୁପେ ଦାୟିତ୍ୱ ତୁଲାଉଛନ୍ତି। ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଆହାର କେନ୍ଦ୍ରର ନୂତନ କୋଠା ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୧୫ ଲକ୍ଷ ଟଙ୍କା ମଂଜୁର କରିଛନ୍ତି ମାତ୍ର ଏନଏସି କର୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ୧ବର୍ଷ ହେଲା ଆହାର କେନ୍ଦ୍ର ନିର୍ମାଣ ହୋଇପାରୁନି । ତେବେ ଆହାର କେନ୍ଦ୍ରରେ ଦେଖାଦେଇଥିବା ଅବ୍ୟବସ୍ଥା ନେଇ ଖୁବଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ନୟାଗଡ ଜିଲ୍ଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray